



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୯ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 09 December 2025
Vol.No. 36 ■ No.324 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଲୋକସଭାରେ ବନ୍ଦେ ମାତରମ୍ ବିତର୍କ: କଂଗ୍ରେସ ଓ ନେହରୁଙ୍କୁ ଟାର୍ଗେଟ କଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ,୦୮/୧୨ : ଜାତୀୟ ଗୀତ 'ବନ୍ଦେ ମାତରମ'କୁ ନେଇ ଆଜି ଲୋକସଭାରେ ବିତର୍କ ଆରମ୍ଭ ହୋଇଛି । ଦୀର୍ଘ ଘଣ୍ଟା ଧରି ଚାଲିବାକୁ ଥିବା ଏହି ବିତର୍କର ପ୍ରଥମ ବକ୍ତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହକୁ ସମ୍ବୋଧନ କରିଛନ୍ତି । ସେ 'ବନ୍ଦେ ମା'ତରମ' ଅପେକ୍ଷା କଂଗ୍ରେସ ଓ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହରୁଙ୍କ ଉପରେ ବେଶୀ ଫୋକସ କରିଛନ୍ତି । 'ବନ୍ଦେ ମାତରମ'କୁ କଂଗ୍ରେସ ଖଣ୍ଡଖଣ୍ଡ କରିଥିବା ବେଳେ ପାକିସ୍ତାନ ଗଠନର ସୂତ୍ର ଧର ମହମ୍ମଦ ଅଲୀ ଜିନ୍ନାଙ୍କ କଥାରେ ପଣ୍ଡିତ ନେହରୁ ଏକମତ ହୋଇଥିଲେ । ଏଥିସହ 'ବନ୍ଦେ ମା'ତରମ' ମୁସଲିମାନଙ୍କୁ ଉତ୍ତେଜିତ କରିପାରେ ବୋଲି କୁଆଡ଼େ ନେହରୁ ଦାବି କରିଥିଲେ ବୋଲି ମୋଦି ଲୋକସଭାରେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରିଛନ୍ତି ଯେ "ବନ୍ଦେ ମାତରମ ପ୍ରଥମେ ବିଖଣ୍ଡିତ ହୋଇଥିଲା ଓ ଏହାପରେ ୧୯୪୭ରେ ଦେଶ ବିଭାଜିତ ହୋଇଥିଲା । କଂଗ୍ରେସ ବନ୍ଦେ ମାତରମକୁ ନେଇ ବୁଝାମଣା କରିଥିଲା । ନେହରୁ ବନ୍ଦେ ମାତରମର ଟୁକଡେ ଟୁକଡେ କରିଥିଲେ ।" ଲୋକସଭା ରେ ଲଜ୍ଜା ଲଜ୍ଜା ନାରା ଶୁଭିବାରୁ ମୋଦି କହିଥିଲେ ଯେ " କିଛ ତତ୍ତ୍ୱ ଜାତୀୟ ଗୀତ ସହ ଗତ ଶତାବ୍ଦୀରେ ବିଶ୍ୱାସ ଘାତକତା କରିଥିଲେ । ଏହା କିଏ କରିଥିଲେ, ସେକଥା ଆମର ପରବର୍ତ୍ତୀ ପିଢ଼ିଙ୍କୁ ଅବଗତ କରାଇବା ଆମର ଦାୟିତ୍ୱ । ମୁସଲିମ ଲିଗର ନେତୃତ୍ୱ ନେଉଥିବା ମହମ୍ମଦ ଅଲୀ ଜିହ୍ନା ୧୯୩୭ରେ ବନ୍ଦେ ମା' ତରମ ବିରୋଧରେ ଗୋଟିଏ ଅଭିଯାନ ଆରମ୍ଭ କରିଥିଲେ । କିନ୍ତୁ କଂଗ୍ରେସ ଓ ଜବାହର ଲାଲ ନେହରୁ ଏହାକୁ ବିରୋଧ କରିବା ବଦଳରେ ବନ୍ଦେ ମା'ତରମକୁ ନେଇ ତଦନ୍ତ ଆରମ୍ଭ କରିଥିଲେ । ବନ୍ଦେ ମାତରମକୁ ଜିହ୍ନା ବିରୋଧ କରିବାରୁ ପଣ୍ଡିତ ଜବାହର ଲାଲ ନେହରୁ ଗୋଟିଏ ଚିଠି ସୁଭାଷ ଚନ୍ଦ୍ର ବୋଷଙ୍କୁ ଲେଖିଥିଲେ । ଏଥିରେ ସେ କହିଥିଲେ ଯେ ସେ(ନେହରୁ) ବନ୍ଦେ ମାତରମର ବ୍ୟାକଗ୍ରାଉଣ୍ଡକୁ ପଢ଼ିଛନ୍ତି ଓ ଭାବୁଛନ୍ତି ଯେ ଏହା ମୁସଲିମାନଙ୍କୁ ଉତ୍ତେଜିତ କରିପାରେ । ବନ୍ଦେ ମାତରମର ବ୍ୟବହାରକୁ ସେମାନେ ପରୀକ୍ଷା କରିବେ ଓ ଏହା ପୁଣି ବଙ୍କି ଚନ୍ଦ୍ରଙ୍କ ବେଙ୍ଗଲରେ ବୋଲି ନେହରୁ ଚିଠିରେ ଉଲ୍ଲେଖ କରିଥିଲେ । କଂଗ୍ରେସ ଦଳ ବନ୍ଦେ ମା'ତରମକୁ ଅପମାନିତ କରିଥିଲା ଓ ମୁସଲିମ ଲିଗ ଆଗରେ ଆତ୍ମସମର୍ପଣ କରିଥିଲା । କଂଗ୍ରେସ ଏବେ ବି ବନ୍ଦେ ମା'ତରମକୁ ଅପମାନିତ କରୁଛି ।" ଏମର୍ଜେନ୍ସିକୁ ନେଇ କଂଗ୍ରେସକୁ ଲୋକସଭାରେ ଟାର୍ଗେଟ କରିବାକୁ ମଧ୍ୟ ପଛାଇ ନାହାନ୍ତି ମୋଦି । ସେ କହିଛନ୍ତି, "ବନ୍ଦେ ମା'ତରମ ୫୦ ବର୍ଷ ପୂର୍ତ୍ତି ପୂରଣ କରିବା ବେଳେ ଭାରତ ବ୍ରିଟିଶ ଶାସନ ଅଧୀନରେ ଥିଲା । ବନ୍ଦେ ମା'ତରମ ୧୦୦ ବର୍ଷ ପୂର୍ତ୍ତି ସମୟରେ ଭାରତ ଏମର୍ଜେନ୍ସି ମଧ୍ୟରେ ରହିଥିଲା । ୧୫୦ ବର୍ଷ ପୂର୍ତ୍ତି ବେଳେ ଏହାର ମହାନତା ପ୍ରଦର୍ଶିତ କରିବା ଭଳି ସୁଯୋଗ ଆମ ପାଖରେ ରହିଛି ।" ବନ୍ଦେ ମା'ତରମ ସମ୍ପର୍କରେ ମୋଦି କହିଛନ୍ତି, " ଆମେ ଯେତେବେଳେ ବନ୍ଦେ ମା'ତରମ କହିଥାଉ ସେତେବେଳେ ବେଦ କଳା କଥା ମନେପଡ଼େ । ଏହି ମାଟି ଆମ ମା' ଓ ମୁଁ ଏହି ମାଟିର ପୁଅ ବୋଲି ବନ୍ଦେ ମା'ତରମ ମନେ ପକାଇ ଦିଏ । ବନ୍ଦେ ମା'ତରମ ସହ ସମାନ ହେବା ଭଳି ବିଶ୍ୱରେ କୌଣସି ଗୀତ ନାହିଁ । ଲଣ୍ଡନରେ ଥିବା ଇଣ୍ଡିଆ ହାଉସରେ ମଧ୍ୟ ଏହା ଗୁଞ୍ଜରିତ ହୋଇଥିଲା । ବ୍ରିଟିଶରମାନେ ବାଧ୍ୟ ହୋଇ ବନ୍ଦେ ମା'ତରମ ଉପରେ ବ୍ୟାନ ଲଗାଇଥିଲେ । ଏପରି କି ସେମାନେ ଆଇନ ଦ୍ୱାରା ଏହି କବିତାର ପ୍ରିଣ୍ଟିଂ ଓ ପ୍ରଚାର ଉପରେ ରୋକ ଲଗାଇଥିଲେ । ବିଭିନ୍ନ ବିଚାରଧାରାର ସ୍ୱାଧୀନତା ସଂଗ୍ରାମୀଙ୍କୁ ବନ୍ଦେ ମା'ତରମ ଯୋଡ଼ିଥିଲା ।

▶▶ପୃଷ୍ଠା ୭

## ମାଲକାନଗିରିରେ ତେଜୁଛି ହିଂସା: ବିଏନଏସ୍ -୧୬୩ ଧାରା ଲାଗୁ, ୨୪ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ





ମାଲାକାନଗିରି , ୦୮/୧୨ (ନି.ପ୍ର): ବିଭତ୍ସ ହତ୍ୟାକାଣ୍ଡକୁ ନେଇ ୨ ଦିନ ହେଲା ମାଲକାନଗିରିରେ ବ୍ୟାପକ ହିଂସାକାଣ୍ଡ । ଏମ୍‌ଭି-୨୬ ଗାଁରେ ଆଜି ପୁଣି ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା କରିଛନ୍ତି ହଜାର ହଜାର ଅସ୍ତ୍ରଶସ୍ତ୍ରଧାରୀ ଲୋକ । ତା ପୁଣି ପୁଲିସ ଆଖି ଆଗରେ । ସ୍ଥିତି ଶାନ୍ତ କରିବାକୁ ବିଏନ୍‌ଏସ୍-୧୬୩ ଧାରା ଲାଗୁ ହେବା ସହ, ୨୪ ଘଣ୍ଟା ପାଇଁ ମାଲକାନଗିରି ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି । ସେପଟେ ମୃତ ମହିଳାଙ୍କ କଟାମୁଣ୍ଡ ଖୋଜା ଚାଲିଛି ଏବଂ ହତ୍ୟାକାଣ୍ଡରେ ସଂପୃକ୍ତି ସନ୍ଦେହରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି । ପଶିଲେ... ଭାଙ୍ଗିଲେ... ଜାଳିଲେ । ମାଲକାନଗିରିରେ ଦାଉ ଦାଉ ଉତ୍ତେଜନାର ନିଆଁ । ପୁଣି ଜଳିଲା ଏମ୍‌ଭି-୨୬ ଗାଁ । ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ପୁଣି ଉଗ୍ର ହେଲା ଭିଡ଼ । ସବୁକିଛି ଚାଲିଲା ପୁଲିସ ଉପସ୍ଥିତିରେ । ଏସ୍‌ପିଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଘଟିଲା । ଗତକାଲି ଅପରାହ୍ଣରେ ଘଣ୍ଟାଏ ଧରି ତୁମୁଳ କାଣ୍ଡ ପରେ, ଆଜି ପୁଣି ଦିନ ୧୨ଟାରୁ ଆରମ୍ଭ ହୋଇଥିଲା ଲଙ୍କାକାଣ୍ଡ । ରାଖାଲଗୁଡ଼ା ଓ ଆଖପାଖ ଗାଁର ହଜାର ହଜାର ଲୋକ ପାଂରପରିକ ଅସ୍ତ୍ରଶସ୍ତ୍ର ଧରି, ମେଳି ବାନ୍ଧି ଏମ୍‌ଭି-୨୬ ଗାଁକୁ ଘେରିଯାଇଥିଲେ ଓ ଭିତରକୁ ଧସେଇ ପଶିଆସିଥିଲେ । ଗାଁର ପ୍ରାୟ ସମସ୍ତ ଘରକୁ ଗୋଟି ଗୋଟି କରି ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଲେ । ଛିନଛତ୍ର ଘର, ପୋଡ଼ି ପାଉଁଶ ଧାନ ଚାଉଳ, ଆସବାବପତ୍ର ।

▶▶ପୃଷ୍ଠା ୭

## ଗ୍ରାଉଣ୍ଡରେ ଅଭିଯୋଗ ସମାଧାନ ହେଉନଥିବା ନେଇ ପ୍ରମିଳା ମଲ୍ଲିକଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଗ୍ରାଉଣ୍ଡରେ ଅଭିଯୋଗ ସମାଧାନ ହେଉନଥିବା ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ଅନ୍ୟପଟେ ଯୁଗ୍ମ ଶୁଣାଣି ହେଉଥିବା ଉତର ରଖିଛନ୍ତି ଆଇନ ମନ୍ତ୍ରୀ । ପ୍ରମିଳା ମଲ୍ଲିକ କହିଛନ୍ତି, ଭୁବନେଶ୍ୱର ବାହାରେ ଯେଉଁଠି ଅଭିଯୋଗ ହେଉଛି, ତାହା ସମାଧାନ ହେଉନି । ବ୍ଲକ ଓ ତେହସିଲ ସ୍ତରରେ କେତେ ଅଭିଯୋଗ ଆସୁଛି, ତାହାର ତାଲିକା ଦାବି କଲେ ।. ଆଇନ ମନ୍ତ୍ରୀ କେମିତି କହିଲେ ଚାଉଳ ଓ ଘର ତତକ୍ଷଣାତ ମିଳୁଛି । କାରଣ ୱେବସାଇଟ ତ ଖୋଲୁନି । ବିଧାୟକମାନଙ୍କୁ ନେଇ ଅଭିଯୋଗ ଶୁଣାଣି ହେବ କି? ସମାଧାନର ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବେ କି? ଏହାର ଜବାବରେ ଆଇନ ମନ୍ତ୍ରୀ କହିଛନ୍ତି ଯେ, ଯୁଗ୍ମ ଶୁଣାଣି ହେଉଛି । ବିଧାୟକମାନେ ଯୋଗଦାନ କଲେ ସମାଧାନ ଅଧିକ ହୋଇ ପାରିବ ।

## ସିଦ୍ଧୁଙ୍କ ପତ୍ନୀ ନବଜୋତଙ୍କୁ ବହିଷ୍କାର କଲା କଂଗ୍ରେସ୍

ନୂଆଦିଲ୍ଲୀ,୦୮/୧୨ : ପୂର୍ବତନ କ୍ରିକେଟ ଖେଳାଳି ତଥା କଂଗ୍ରେସ ନେତା ନବଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ନବଜୋତ କୌରଙ୍କୁ କଂଗ୍ରେସ ଦଳର ପ୍ରାଥମମିକ ସଦସ୍ୟତାରୁ ବହିଷ୍କାର କରାଯାଇଛି । ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ବାଡିଂ ନବଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ନବଜୋତ କୌର ସିଦ୍ଧୁଙ୍କୁ ଦଳର ପ୍ରାଥମିକ ସଦସ୍ୟତାରୁ ବହିଷ୍କାର କରିଛନ୍ତି । ଗତ ଶନିବାର ନବଜୋତ ଦେଇଥିବା ବିବାଦୀୟ ବୟାନ ପରେ ଦଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଶନିବାର (ଡିସେମ୍ବର ୬) ନବଜୋତ କୌର ସିଦ୍ଧୁ କହିଥିଲେ ଯେ ତାଙ୍କ ପରିବାର ପାଖରେ କୌଣସି ଦଳକୁ ଯୋଗଦାନ ଦେବା ପାଇଁ ଟଙ୍କା ନାହିଁ । ସେ କହିଥିଲେ ଯେ ୫୦୦ କୋଟି ଦେଲେ କଂଗ୍ରେସରେ ମୁଖ୍ୟମନ୍ତ୍ରୀ ହୋଇପାରିବ । ଗତ ଶନିବାର (ଡିସେମ୍ବର ୬) ଚଣ୍ଡିଗଡ଼ରେ ଗଣମାଧ୍ୟମକୁ ନବଜୋତ କୌର କହିଥିଲେ ଯେ 'ନବଜୋତ ସିଂହ ସିଦ୍ଧୁଙ୍କୁ ପଞ୍ଜାବରେ ଦଳର ମୁଖ୍ୟମନ୍ତ୍ରୀ ମୁହଁ ଘୋଷଣା କଲେ ହିଁ ସେ ସକ୍ରିୟ ରାଜନୀତିକୁ ଫେରିବେ ।' ତେବେ ଏଥିପାଇଁ ତାଙ୍କ ପାଖରେ କୌଣସି ଦଳକୁ ଦେବା ପାଇଁ ଟଙ୍କା ନାହିଁ । ସେ କହିଥିଲେ "ସିଦ୍ଧୁ ପଞ୍ଜାବକୁ 'ସୁନାର ରାଜ୍ୟ' କରିପାରିବେ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଚୌକିରେ ବସିବା ପାଇଁ ଆମ ପାଖରେ ୫୦୦ କୋଟି ଟଙ୍କା ନାହିଁ, ଯିଏ ୫୦୦ କୋଟି ଟଙ୍କାର ସୁଟକେସ୍ ଦିଏ, ସେ ମୁଖ୍ୟମନ୍ତ୍ରୀ ହୋଇଯାଏ ।" ନବଜୋତଙ୍କ ଏହି ବୟାନ ପରେ ବିବାଦ ବଢ଼ିବା ସହ ରାଜନୀତି ଜୋର ଧରିଥିଲା । ଏପରିକି ନବଜୋତଙ୍କ ବୟାନକୁ ନେଇ ବିଜେପି ଓ ଆପ କଂଗ୍ରେସ ଦଳକୁ ଟାର୍ଗେଟ କରିଥିଲେ ।

## ବିଧାନସୌଧରେ ଚାଲିଛି ଶୀତ ଅଧିବେଶନ: ପ୍ରାଥମିକ ଶିକ୍ଷକଙ୍କ ପରେ ଆଦର୍ଶବିଦ୍ୟାଳୟ ଓ ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ବିକ୍ଷୋଭ



ଭୁବନେଶ୍ୱର, ୦୮/୧୨ (ନି.ପ୍ର): ହକ୍ ପାଇଁ ରାସ୍ତାରେ ଶିକ୍ଷକ । ଦୁଇ ଦିନ ହେଲା ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ଚଳାଇଥିବାବେଳେ ଆଜି ଓହ୍ଲାଇଛନ୍ତି ଆଦର୍ଶ ବିଦ୍ୟାଳୟ ଶିକ୍ଷକ । ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ ବି ଆନ୍ଦୋଳନ ଚଳାଇଛନ୍ତି । ଗାନ୍ଧୀମାର୍ଗରେ ହଜାର ହଜାର ଶିକ୍ଷକ ଏକାଠି ହୋଇ ହକ୍ ପାଇଁ ଲଢ଼େଇ କରୁଛନ୍ତି । ସେପଟେ ପୂର୍ବ ସରକାରକୁ ଦୋଷ ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ । ରାଜ୍ୟର ଭବିଷ୍ୟତ ଗଢୁଥିବା ସାରଙ୍କ ଠିକଣା ଏବେ ବଦଳି ଯାଇଛି । ପ୍ରାଥମିକ ଶିକ୍ଷକ, ଆଦର୍ଶ ବିଦ୍ୟାଳୟ ଓ ବ୍ଲକ୍ ?ଗ୍ରାଣ୍ଟ ଶିକ୍ଷକ, ପ୍ରାୟ ସବୁ ବର୍ଗର ସାରଙ୍କ ଠିକଣା ପାଲଟିଛି ଲୋୟର ପିଏମ୍‌ଜି । ବିଭିନ୍ନ ଦାବି ପୂରଣ ନେଇ ଚାରି ଦିନ ହେଲା ଶୀତ କାକରରେ ବସିଛନ୍ତି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ । ସମାନ କାମକୁ ସମାନ ଦରମା ସହ ୧୩ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆଦର୍ଶ ବିଦ୍ୟାଳୟର ଶିକ୍ଷକ । ଗାନ୍ଧିମାର୍ଗରେ ହଜାର ହଜାର ଶିକ୍ଷକ ଓ କର୍ମଚାରୀ ବିକ୍ଷୋଭ କରିଛନ୍ତି । ସେହିପରି ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘ ଡାକରାରେ ହଜାର ଶିକ୍ଷକ ଓ କର୍ମଚାରୀ ଲୋୟର ପିଏମଜିରେ ଏକାଠି ହୋଇ ଶୋଭାଯାତ୍ରା କରିଛନ୍ତି । ସ୍କୁଲ ଛାଡ଼ି ରାସ୍ତାରେ ଶିକ୍ଷକମାନେ ବସିଥିବାବେଳେ ବିଧାନସଭାରେ ଉଠିଛି ପ୍ରସଙ୍ଗ । ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକ ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ଗୃହରେ ଦାବି କରିଛନ୍ତି । ମନ୍ତ୍ରୀ କହିଛନ୍ତି, ଶିକ୍ଷକ ସଂଘ ସହ ଆଲୋଚନା ହୋଇଛି ।

## ୧୦ ବର୍ଷରେ ତିନି ଗୁଣା ବଢ଼ିଲାଣି ରାଜ୍ୟର ଋଣ ଭାର

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଗତ ୧୦ ବର୍ଷ ରେ ରାଜ୍ୟ ଉପରେ ଋଣ ଭାର ତିନି ଗୁଣା ବଢ଼ିଛି । ବିଧାନସଭାରେ ଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତରରୁ ଏହା ଜଣାପଡିଛି । ୨୦୧୩-୧୪ ବର୍ଷ ରେ ଓଡ଼ିଶାର ମୋଟ ଋଣ ଭାର ୩୮ ହଜାର ୬୬୬ କୋଟି ଟଙ୍କା ଥିଲା ବେଳେ ୨୦୨୪-୨୫ ରେ ରାଜ୍ୟର ଋଣ ଭାର ୧ ଲକ୍ଷ ୨୦ ହଜାର ୭୧୦ କୋଟିରେ ପହଂଚିଛି । ୨୦୨୫-୨୬ ଅକ୍ଟୋବର ମାସ ଶେଷ ସୁଦ୍ଧା ଋଣ ଭାର ୧ ଲକ୍ଷ ୨୬ ହଜାର ୭୯୯ କୋଟିରେ ପହଂଚିଛି । ଋଣ ହ୍ରାସ ପାଇଁ ଅନେକ ପଦକ୍ଷେପ ନିଆ ଯାଇଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛି ।

## ଏନବିଡବ୍ଲ୍ୟୁ ଜାରି ସତ୍ତ୍ୱେ ଖୁଲମ ଖୁଲା ବୁଲୁଛନ୍ତି ଅପରାଧୀ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ହଜାର ହଜାର ଅପରାଧୀଙ୍କ ନାଁରେ ଗିରଫ ପରୱାନା ଜାରି ହୋଇଥିଲେ ବି କାର୍ଯ୍ୟକାରୀ ହୋଇନି । ରାଜ୍ୟରେ ୩୪ ହଜାର ୬୩୬ ଜଣଙ୍କ ନାଁରେ ଗିରଫ ପରୱାନା ଜାରି ହୋଇଛି । ଏହା ସତ୍ତ୍ୱେ ସେମାନେ ଗିରଫ ହୋଇନାହାନ୍ତି । ସର୍ବାଧିକ ପୁରୀରେ ୨ ହଜାର ୪୫୭, ଭଦ୍ରକ ରେ ୨୪୨୩, ବାଲେଶ୍ୱର ରେ ୨୧୩୪, ଭୁବନେଶ୍ୱରରେ ୧୯୫୬ ଜଣ ଅପରାଧୀ ଖୁଲମ ଖୁଲା ବୁଲୁଛନ୍ତି । ବିଧାନସଭାରେ ଏହା ଲିଖିତ ଉତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ବାରବାଟୀ ବାଜି ଜିତିବାକୁ ବଡ଼ କସରତ: ମ୍ୟାଚ୍ ପୂର୍ବରୁ ଝାଳ ବୁହାଇଲେ ଭାରତ-ଦକ୍ଷିଣ ଆଫ୍ରିକା



କଟକ, ୦୮/୧୨ (ନି.ପ୍ର): ଖଚାଖଚ୍ ଭିଡ ଜମିବ । ବାରବାଟୀରେ ଛକା ଓ ଚୌକାର ବର୍ଷା ହେବ । ବିଶାଳ ସ୍କୋର ସହ ବଡ଼ ମୁକାବିଲା ଦେଖିବାକୁ ପାଇବେ କ୍ରିକେଟପ୍ରେମୀ । ଏହାପୂର୍ବରୁ ଐତିହାସିକ ବାରବାଟୀରେ ପହଞ୍ଚି ଅକ୍ଳାନ୍ତ ପରିଶ୍ରମ କରିଛନ୍ତି ଉଭୟ ଭାରତ-ଦକ୍ଷିଣ ଆଫ୍ରିକା ଖେଳାଳି । ନେଟ୍ସରେ ଉଭୟ ଦେଶର ଖେଳାଳିଙ୍କ ପରିଶ୍ରମ ଦେଖି ଫ୍ୟାନ୍ କହିଲେଣି, ମଙ୍ଗଳବାର ହେବ ମହାଲଢ଼େଇ । ବାରବାଟୀ ମ୍ୟାଚ୍ ପାଇଁ ଆରମ୍ଭ ହୋଇଛି ଶେଷ ୨୪ ଘଣ୍ଟାର କାଉଣ୍ଟଡାଉନ । ମହାମୁକାବିଲା ପୂର୍ବରୁ ବାରବାଟୀରେ ଘଣ୍ଟା ଘଣ୍ଟା ଧରି ଅଭ୍ୟାସ କରିଛନ୍ତି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଦଳ । ପିଚ୍‌କୁ ଭଲ ଭାବେ ପରଖିଛନ୍ତି ଦୁଇ ଦେଶର ଖେଳାଳି । ଅପରାହ୍ନରେ ପ୍ରଥମେ ଟିମ୍ ଇଣ୍ଡିଆ ବାରବାଟୀରେ ପହଞ୍ଚିବା ପରେ ପଡିଆରେ ଝାଳ ବୁହାଇଛନ୍ତି ଉଭୟ ବ୍ୟାଟର ଓ ବୋଲର । ଷ୍ଟାର ବୋଲର ଯଶପ୍ରୀତ ବୁମରା ଓ ଅଲରାଉଣ୍ଡର ଶିବମ ଦୁବେ ନେଟ୍ସରେ ଦୀର୍ଘ ସମୟ ବୋଲିଂ କରିଥିଲେ । ସେହିଭଳି ସାଥୀ ଖେଳାଳି ଶୁବମନ ଗିଲ, ଅଭିଷେକ ଶର୍ମା, ସଞ୍ଜୁ ସାମସନ, ସୂର୍ଯ୍ୟ ଯାଦବଙ୍କ ବ୍ୟାଟିଂ ଝଲକ ଦେଖିଥିଲେ ଦର୍ଶକ । ଟିମ୍ ଇଣ୍ଡିଆ ଫେରିବା ପରେ ଦକ୍ଷିଣ ଆଫ୍ରିକା ଦଳ ବାରବାଟୀରେ ପହଞ୍ଚି ଶୀତୁଆ ସନ୍ଧ୍ୟାରେ ଝାଳବୁହା ପରିଶ୍ରମ କରିଛନ୍ତି । ଟିମ୍ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ କହିଛନ୍ତି, ଆଗରୁ ବାରବାଟୀରେ ଖେଳିଛି ।

## ଇଣ୍ଡିଗୋ ସଙ୍କଟ: ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ,୦୮/୧୨ : ଇଣ୍ଡିଗୋ ସଙ୍କଟ ନେଇ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ । ଦେଶର ସର୍ବୋଚ୍ଚ ଅଦାଲତ ଇଣ୍ଡିଗୋ ସଙ୍କଟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ଯେ ସରକାର ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଯଦି ପରିସ୍ଥିତି ସେହିପରି ରହିଥାନ୍ତା ତେବେ ଏହା ଭିନ୍ନ କଥା ହୋଇଥାନ୍ତା । ଆମେ ବୁଝୁଛୁ ଯେ ଲକ୍ଷ ଲକ୍ଷ ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ସରକାର ଏହି ମାମଲାକୁ ପରିଚାଳନା କରୁଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଜାଣିରଖିବା ଉଚିତ ଯେ, ୧୦୦୦ ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ୍ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି । ସୁପ୍ରିମକୋର୍ଟ ଆଜି ଅର୍ଥାତ ଡିସେମ୍ବର ୮ ତାରିଖରେ ଏହି ମାମଲାର ଶୁଣାଣି କରିବେ । ସୁପ୍ରିମକୋର୍ଟର ଓକିଲ ନରେନ୍ଦ୍ର ମିଶ୍ର ଏହି ସଙ୍କଟ ନେଇ ତୁରନ୍ତ ହସ୍ତକ୍ଷେପ ପାଇଁ ଏକ ପିଆଇଏଲ୍ ଦାୟର କରିଛନ୍ତି । ପିଟିସନ୍‌ରେ ପ୍ରଭାବିତ ଯାତ୍ରୀଙ୍କ ପାଇଁ ବିକଳ୍ପ ଯାତ୍ରା ଏବଂ କ୍ଷତିପୂରଣ ଦାବି କରାଯାଇଛି । ଆବେଦନରେ ଅଭିଯୋଗ କରାଯାଇଛି ଯେ ଇଣ୍ଡିଗୋର ବିମାନ ବାତିଲ ସମ୍ବିଧାନର ଧାରା ୨୧ ଉଲ୍ଲଂଘନ କରୁଛି । ଇଣ୍ଡିଗୋର ବିମାନ ବାତିଲ ଏବଂ ବିଳମ୍ବ ଯୋଗୁଁ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡିସେମ୍ବର ୬ ତାରିଖରେ, ଆବେଦନକାରୀଙ୍କ ଓକିଲ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ବାସଭବନକୁ ଯାଇ ଏହି ବିଷୟରେ ତୁରନ୍ତ ଶୁଣାଣି ପାଇଁ ଅନୁରୋଧ କରିଥିଲେ ।

# ପଥ ଉତ୍ସବରେ ଝୁମିଲା ମାଲକାନଗିରି: ନାଚିଲେ ଗାଇଲେ ସହରବାସୀ

ମାଲକାନଗିରି,୦୮/୧୨ (ନି.ପ୍ର): ମାଲ୍ୟବନ୍ତ ମହୋତ୍ସବକୁ ଆହୁରି ଉତ୍ସବମୁଖର କରିବା ପାଇଁ ମାଲକାନଗିରିରେ ଅନୁଷ୍ଠିତ ହୋଇଛି ପଥ ଉତ୍ସବ । ଶୀତୁଆ ସକାଳରେ ନାଚିଲା ଗାଇଲା ଓ ଝୁମିଲା ମାଲକାନଗିରି ସହର । ଆଗକୁ ମାଲ୍ୟବନ୍ତ ମହୋତ୍ସବ ଥିବାବେଳେ ଏହା ପୂର୍ବରୁ ସଦରମହକୁମାରେ ଆରମ୍ଭ ହୋଇଛି ପଥ ଉତ୍ସବ । ଏହି ପଥ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଆୟୋଜନ ହୋଇଥିଲା । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଅଶ୍ମି ଏଏଲ, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ବିଏସଏଫ ଡେପୁଟି କମାଣ୍ଡାଂଟ ରବି ମିଶ୍ର ଉପସ୍ଥିତ ଥିଲେ।

ସକାଳର ପହିଲି କିରଣ ସହ ବେଶ ବର୍ଣ୍ଣାଢ୍ୟରେ ଆୟୋଜନ ସହ ପାଳନ ହୋଇଛି ପଥୋତ୍ସବ । ଆଉ ଏହି ପଥ ଉତ୍ସବରେ ସହରବାସୀ ବି ବେଶ ଉପଭୋଗ କରିଥିଲେ । ଉଦଘାଟନୀ ସମାରୋହ ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନେଇ ବେଶ ଝୁମିଥିଲେ ନାଚିଥିଲ ଯୁବକଯୁବତୀ। ମଂଚରେ ଦେଖିବାକୁ ମିଳିଥିଲା ଜନଜାତି କଳା ସଂସ୍କୃତିର ଝଲକ । ପଥ ଉତ୍ସବରେ ନାଚ, ଗୀତ, ସ୍କେଟିଂ, ଖାଦ୍ୟର ପସରା, ଆର୍ଟ କ୍ରାଫ୍ଟ ବା ଝୋଟି ଚିତା, ଯୋଗ, ବିଭିନ୍ନ ପ୍ରକାର ଦୁଃସାହସିକ ଖେଳ ଓ କ୍ରୀଡା ପ୍ରଦର୍ଶିତ ହୋଇଥିଲା । ଏହାସହ ବିଭିନ୍ନ ପ୍ରକାର ଝୋଟି ଓ ଚିତ୍ର, ଭିନ୍ନ ଭିନ୍ନ ପ୍ରକାର ଚିତ୍ରାଙ୍କନ ବେଶ ଚିତାକର୍ଷକ ରହିଥିଲା । ଏଥିରେ ଅନେକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଦେଖିବାକୁ ମିଳିଛି । ପରିବେଶ ସଚେତନତା, ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ମାନିବା ପାଇଁ ସଚେତନତା ମଧ୍ୟ ଦେଖିବାକୁ ମିଳିଛି । ବିଶେଷକରି ପାରମ୍ପରିକ କଳା ଓ ନୃତ୍ୟ ପ୍ରଦର୍ଶନ ଲୋକଙ୍କ ମନକୁ ବେଶ ଛୁଇଁଥିଲା । ଆଜିର ପଥ ଉତ୍ସବରେ ସୀମା ସୁରକ୍ଷା ବଳ ତରଫରୁ ଆୟୋଜନ କରାଯାଇଥିବା ଡଗ୍ ସୋ ବେଶ୍ ଆକର୍ଷଣୀୟ ହୋଇଥିଲା। ପୋଲିସ୍ ବାହିନୀ ତରଫରୁ ଆରକ୍ଷୀ ଝଙ୍କାର ଟିମ୍ ମେଲୋଡି ପ୍ରଦର୍ଶନ କରିଥିଲେ। ଶ୍ୟାମ ସୁନ୍ଦର ନାୟକ ଓ ନିବେଦିତା ମିଶ୍ର ମଂଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପ ଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀ ଓ ସମସ୍ତ କମିଟି ସଦସ୍ୟ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ ।

# ଚରମ୍ପା ମହାବିଦ୍ୟାଳୟରେ ତ୍ରିଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ

ଭଦ୍ରକ,୦୮/୧୨ (ନି.ପ୍ର): ଚରମ୍ପା ମହାବିଦ୍ୟାଳୟ, ଭଦ୍ରକର ୪୫ତମ ତ୍ରିଦିବସୀୟ ବାର୍ଷିକ କ୍ରୀଡା ମହୋତ୍ସବ ଉଦଯାପିତ ହୋଇଯାଇଛି। ଏଇ ସମାରୋହର ପ୍ରଥମ ଦିବସରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ସଭାପତି ଭାବେ ଦାୟିତ୍ୱ ସଂପାଦନ କରିଥିବା ବେଳେ ପରିଚାଳନା ସମିତିର ସଭାପତି ଭଦ୍ରକ ଜିଲ୍ଲାର ଏଡିଏମ୍ ଶ୍ରୀ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦାୟୀ ଉପଦେଶ ପ୍ରଦାନ କରିବା ସହ କ୍ରୀଡ଼ା କ୍ଷେତ୍ରରେ ସରକାରୀ ଭାବେ ସୁବିଧା ସୁଯୋଗ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ କ୍ରୀଡା ମହୋତ୍ସବ ଉଦଘାଟିତ ହେବାପରେ କ୍ରୀଡା ପତାକା ଉତୋଳନ, ଖେଳାଳି ମାନଙ୍କ ଦ୍ୱାରା ମଶାଲ ଧାରଣ ପୂର୍ବକ ମାର୍ଚ୍ଚ ପାଷ୍ଟ କରାଯାଇଥିଲା। କ୍ରୀଡା ବିଭାଗର ଉପସଭାପତି ପ୍ରାଧ୍ୟାପିକା କଳ୍ପନା ଲେଙ୍କା, ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ ମନୋଜ କୁମାର ମହାଳିକ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଆଦିଶଙ୍କର କବି, ଲିଟୁନା ରଣା, ସିଦ୍ଧାନ୍ତ ଲାଲ, ସୁଶାନ୍ତ କୁମାର ଶଂଖୁଆ, ସ୍ନେହଲତା ହେମ୍ବ୍ରମ, କ୍ରୀଡା ଶିକ୍ଷକ ଆଲୋକ ରଂଜନ ସେନାପତି, ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ଦୁଇଜଣ ଅତିଥି କ୍ରୀଡା ଶିକ୍ଷକ ବିଶ୍ୱରଂଜନ ମହାପାତ୍ର ଓ ସୁବ୍ରତ କୁମାର ସାହୁଙ୍କ ସହଯୋଗରେ ଏହି ତ୍ରିଦିବସୀୟ ବାର୍ଷିକ କ୍ରୀଡାର ବିଭିନ୍ନ ଇଭେଂଟର ସୁଚାରୁ ପରିଚାଳନା କରିଥିଲେ। ପ୍ରଥମ ଦିନ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ଓ ୮୦୦ ମିଟର ଦୌଡ଼ ପ୍ରତିଯୋଗିତା ସହ ଲଙ୍ଗ୍ ଜମ୍ପ, ହାଇ ଜମ୍ପ ଇଭେଂଟ, ଉଭୟ ଛାତ୍ର ଓ ଛାତ୍ରୀଙ୍କ ମଧ୍ୟରେ ସମାପ୍ତ ହୋଇଥିଲା। ଦ୍ୱିତୀୟ ଦିବସରେ ସେହିପରି ୧୦୦୦ ମିଟର ଦୌଡ଼, ରିଲେ ରେସ୍, ଡିସକସ, ଜେଭେଲିନ ଆଦି ଥ୍ରୋ ଇଭେଂଟ, ସଟ୍ ପୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସରେ ୫୦୦୦ ମିଟର ଦୌଡ଼, ଟ୍ରିପଲ୍ ଜମ୍ପ, ଖୋଖୋ, ସ୍ଲୋ ସାଇକେଲ ରେସ୍, ଟଗ ଅଫ୍ ୱାର, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦାନ କରି ଏହି କ୍ରୀଡା ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ। କ୍ରୀଡା କ୍ଷେତ୍ରରେ ଚରମ୍ପା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ଆନ୍ତର୍ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ସଫଳତା ଲାଭ କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି।

# ଡଃ ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ

ଭୁବନ,୦୮/୧୨ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ୫ ନମ୍ବର ୱାର୍ଡ ସ୍ଥିତ ତୁଳସୀ ଭବନ ଠାରେ ପଦ୍ମ ଭୂଷଣ ଡଃ. ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନ ଆଂଚଳିକ ସାହିତ୍ୟ ସେବା ପରିଷଦ ସମ୍ପାଦକ କବି ସୁରେନ୍ଦ୍ର କୁମାର ପୃଷ୍ଟି, ବାଣୀ ସାହିତ୍ୟ ସାଂସଦ ସଭାପତି ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତା, କବି ଚିତ ରଂଜନ ମିଶ୍ର, ଚିତ୍ରଶିଳ୍ପୀ ନାରାୟଣ ସାହୁ, ଇଂ. ଈଶ୍ୱର ଚନ୍ଦ୍ର ବେହେରା, ସମାଜସେବୀ ରାମକୃଷ୍ଣ ପୋଥାଳ, ଅଧ୍ୟାପକ ଲଳିତ ବେହେରା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଶ୍ରୀଧର ବେହେରା, ପାଲା ଗାୟକ ଅଶୋକ ସାମଲ, କବୟିତ୍ରୀ ତୁଳସୀ ରାଣୀ ବେହେରା, ବିଳାସିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଡଃ. ରାଧାନାଥ ରଥଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ, ଡଃ ରଥ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ । ଦୈନିକ ସମାଜର ସମ୍ପାଦକ ଭାବେ ତାଙ୍କର ଝିଟିପିଟି କହେ ଲେଖା ରାଜନୀତିରେ ଝଡ ସୃଷ୍ଟି କରୁଥିଲା । ଡଃ. ରଥ ଦ୍ୱିତୀୟ ଗୋପବନ୍ଧୁ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ଓ ଡଃ. ରଥଙ୍କ ଫଟୋଚିତ୍ର ଓ ଆତ୍ମ ଜୀବନୀ ଲୋକାର୍ପିତ କରାଯାଇଥିଲା ।ଶେଷରେ କବୟିତ୍ରୀ ସରୋଜିନୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖୋଜ ବୃଦ୍ଧାଙ୍କ ମୃତଦେହ ଚାଷ ଜମିରୁ ଉଦ୍ଧାର

ସୁବର୍ଣ୍ଣପୁର,୦୮/୧୨ (ନି.ପ୍ର): ଆଜି ସକାଳୁ ବିନିକା ଥାନା ଅନ୍ତର୍ଗତ ଦାନୀପାଲି ଗ୍ରାମ ଚାଷ ଜମିରୁ ୭୦ ବର୍ଷ ବୟସ୍କା ଜନୈକା ବୃଦ୍ଧାଙ୍କ ମୃତଦେହ ବିନିକା ପୋଲିସ ଉଦ୍ଧାର କରିଛି। ଯଦିଓ ମହିଳା ଜଣକ ୮ ଦିନ ହେଲା ଘର ଛାଡି କୁଆଡେ ଚାଲି ଯାଇଥିଲେ ଘର ଲୋକେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇ ନଥିଲେ କିମ୍ବା ଅଭିଯୋଗ କରି ନଥିଲେ। ଆଜି ଜମିରେ ମୃତଦେହ ମିଳିବା ପରେ ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ବୋଲି ସୂଚନା ମିଳିଛି। ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରି ରହିଛି।

# କୁରାଳ ମହାସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ପୁରୀ,୦୮/୧୨ (ନି.ପ୍ର): ଯୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଓଡିଶା କୁରାଳ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ରାଜ୍ୟ ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଜୟରାମ ସାହୁ, ରାମଚନ୍ଦ୍ର ମୁଦୁଲି, ସୁବୋଧ ରଣା, ବ୍ରହ୍ମାନନ୍ଦ ରଣା, ପ୍ରଫୁଲ୍ଲ ବେହେରା, ଅକ୍ଷୟ ରଣା, ରବୀନ୍ଦ୍ର ବେହେରା, ରାମନାଥ କୁମ୍ଭାର, ପ୍ରଶାନ୍ତ ରଣା, ଲକ୍ଷ୍ମଣ ବେହେରା, ରବୀନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ମହାସଂଘର ବୟୋଜ୍ୟେଷ୍ଠ ସଦସ୍ୟ ତଥା ଶତାୟୁ ପାଲାଗାୟକ ଡଃ. ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରାରମ୍ଭରେ ମହେନ୍ଦ୍ର ବିଶୋଇ ବୈଠକର ଏଜେଣ୍ଡା ଉପସ୍ଥାପନ କରିଥିଲେ। ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ବିଚିତ୍ରା ନନ୍ଦ ବେହେରା। ସମ୍ପାଦକ ଜୟରାମ ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ ପାଠ କରିଥିଲେ। ଏହି ବୈଠକରେ କୁମ୍ଭକାରମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ଏବଂ ତା'ର ସମାଧାନ ଉପରେ ବିଷଦ ଆଲୋଚନା ହୋଇଥିଲା। ଓଡ଼ିଶାରେ ମାଟି କଳା ବୋର୍ଡ଼ ଗଠନ, କୁମ୍ଭକାର କାରିଗରଙ୍କୁ ସ୍ୱତନ୍ତ୍ର ଭାବେ ଭତା ପ୍ରଦାନ, କୁରାଳ ଭବନ ପାଇଁ ଜମି ଯୋଗାଇ ଦେବା, ବ୍ୟବସାୟ ପାଇଁ ସହଜ ସରଳ କିସ୍ତିରେ ବ୍ୟାଙ୍କ ଋଣ ପ୍ରଦାନ, ସମସ୍ତ କୁମ୍ଭକାର ମାନଙ୍କୁ ଇଲେକ୍ଟ୍ରି ଚକ ପ୍ରଦାନ କରିବା ଦିଗରେ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ବିଶେଷତଃ ପୁରୀରେ ବସବାସ କରୁଥିବା କୁମ୍ଭକାର ମାନଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି କରାଯିବ । ଆଗାମୀ ରାଜ୍ୟ ସମ୍ମିଳନୀ ସହିତ ପ୍ରତି ଜିଲ୍ଲା ସଂଗଠନକୁ କ୍ରିୟାଶୀଳ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଫୁଲ୍ଲ ବେହେରା। ବୈଠକରେ କଳାହାଣ୍ଡି, ବୌଦ୍ଧ, ନୂଆପଡା, ବଲାଙ୍ଗୀର, ନବରଙ୍ଗପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଖୋର୍ଦ୍ଧା, ଭଦ୍ରକ, ଅନୁଗୁଳ ନୟାଗଡ, ଢେଙ୍କାନାଳ, ଯାଜପୁର, ଜିଲ୍ଲା ପ୍ରତିନିଧି ଯୋଗ ଦେଇଥିଲେ।

# ଶୁଭ ସକାଳର ଏକାଦଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୦୮/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ମହାବିଦ୍ୟାଳୟ ସଭାଗୃହରେ ଶୁଭ ସକାଳ ପତ୍ରିକାର ଏକାଦଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । କବି ଡ. ରାଜକିଶୋର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡକ୍ଟର ଗୌରହରି ଦାସ ଓ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଶିଶୁମାନେ ମଧ୍ୟ ବଡମାନଙ୍କ ଭଳି ଶିଶୁକବିତା ଓ ଗଳ୍ପ ଲେଖିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କବୟିତ୍ରୀ ପଦ୍ମଜା ଶରଣ ଅତିଥିମାନଙ୍କୁ ମଂଚକୁ ଅମନ୍ତ୍ରଣ କରିଥିବା ବେଳେ ଉପ ସଭାପତି ମିନତୀ ସାହୁ ସଭା ପରିଚାଳନା କରିଥିଲେ । ପ୍ରହ୍ଲାଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବ୍ରଜବନ୍ଧୁ ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅତିଥିମାନେ ଶୁଭସକାଳ ପତ୍ରିକା ଉନ୍ମୋଚନ କରିବା ସହ ପ୍ରେମଲତା ମହାରଣାଙ୍କ ସାମାନ୍ୟ କଥନ, ରତ୍ନାକର ନାୟକଙ୍କ ଧୋରେ ବାଇଆ ଧୋ ଓ ଡକ୍ଟର ରଜକିଶୋର ପାଢୀଙ୍କ ଛବିର ଘର ପତ୍ରିକାକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ମାନସ ରଞ୍ଜନ ସାମଲଙ୍କୁ ଶୁଭସକାଳ ସମ୍ମାନ,ନନ୍ଦ କିଶୋର ସିଂଙ୍କୁ ବଂଶୀଧର ସେଠୀ ସାହିତ୍ୟ ସମ୍ମାନ, ଡାକ୍ତର ସୁମନ କଲ୍ୟାଣ ବେହେରାଙ୍କୁ ଡାକ୍ତର ରମେଶ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ ଓ ଦନେଇ ସାହୁ ଓ ବଂଶୀଧର ସେଠୀଙ୍କୁ ଶିକ୍ଷକ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ପ୍ରଦତ ମାନପତ୍ର ଗୁଡିକୁ ପ୍ରତାପ ରୁଦ୍ର ପଣ୍ଡା. ପ୍ରତିଭାମଞ୍ଜରୀ ଦାଶ, ସବିତା ମିଶ୍ର, ଓ ଗଣେଶ୍ୱର ବେହେରା ପାଠ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭାମାନେ ନିଜର ଅନୁଭୁତୀ ସମ୍ପର୍କରେ ଅଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ କବି/ କବୟିତ୍ରୀ, ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ଶେଷରେ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀ ସ୍ୱର୍ଗତଃ ଗୁରୁଚରଣ ଦାସଙ୍କ ଚତୁର୍ଦ୍ଦଶ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡା ,୦୮/୧୨ (ନି.ପ୍ର): ସ୍ୱର୍ଗତଃ ଗୁରୁଚରଣ ଦାସ କେବଳ ସ୍ୱୟଂ ସେବକ ନ ଥିଲେ ବରଂ ଏକାଧାର ରେ ସେ ଜଣେ ରାଷ୍ଟ୍ରବାଦୀ ନେତା, ମିଶାବନ୍ଦୀ, ସୁ ସଂଗଠକ, ରାଜନେତା, ଦେଶ ଭକ୍ତ, ପ୍ରବୀଣ ସାମ୍ବାଦିକ ଓ ଦରଦୀ ମଣିଷ ଥିଲେ, କେନ୍ଦ୍ରାପଡ଼ା ନୁହେଁ ସମଗ୍ର ଓଡିଶା ରେ ସ୍ୱର୍ଗତ ଦାସ ଅନେକ ସ୍ୱୟଂ ସେବକ ଗଢି ଛନ୍ତି, ଆଜି ବି ତାଙ୍କ ନୀତି ଆଦର୍ଶ ରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ କାର୍ଯ୍ୟତକର୍ତ୍ତା କାର୍ଯ୍ୟ କରୁଛନ୍ତି, ତାଙ୍କ ଅର୍ଭମାନରେ ଅମେ ସମସ୍ତେ ତାଙ୍କ ଜନ୍ମଦିବସ ରେ ଏକଠି ହୋଇ ପ୍ରତିବର୍ଷ ତାଙ୍କ ସ୍ମୃତି ଦିବସ ପାଳନ କରି କାର୍ଯ୍ୟ କର୍ତ୍ତା ମାନଙ୍କୁ ଏକାଠି କରି ପରସ୍ପର ଭାବ ର ଆଦାନପ୍ରଦାନ କରିବା ହେଲେ ଏହା ସ୍ୱର୍ଗତଃ ଦାସ ଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଆଜି ଚତୁର୍ଦ୍ଦଶ ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ବିଧାନସଭା ର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମତ ବ୍ୟକ୍ତ କରିଛନ୍ତି, ମୁଖ୍ୟ ବକ୍ତାଭାବେ ରାଜ୍ୟ ସମବାୟ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସମନ୍ତ ଯୋଗ ଦେଇ ସ୍ୱର୍ଗତଃ ଗୁରୁଚରଣ ଦାସ ଥିଲେ ପ୍ରଖର ରାଷ୍ଟ୍ରବାଦୀ ନେତା, ସେ ଜନସଙ୍ଘ ର ପ୍ରତିଷ୍ଠାତା ସଦସ୍ୟ ଥିବାବେଳେ ମିଶାବନ୍ଦୀ ଭାବେ ଦୀର୍ଘ ୧୦ମାସ ଜେଲ ରେ ରହି କାରାବରଣ କରିଥିଲେ, ତାଙ୍କର ନୀତି ଆଦର୍ଶ ରେ ସମସ୍ତେ ଅନୁପ୍ରାଣିତ ହୋଇ କାର୍ଯ୍ୟବ କରିବାକୁ ସେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ, ସମ୍ମାନୀତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ୍ନ ନାୟକ ଯୋଗ ଦେଇ ସ୍ୱର୍ଗତ ଦାସ ଙ୍କ ଜୀବନି ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ନାମରେ କରାଯାଇଥିବା ଟ୍ରଷ୍ଟର ବିଭିନ୍ନ ସାମାଜିକ ଓ ସେବା ମୂଳକ କାର୍ଯ୍ୟକ କୁ ଭୂୟସୀ ପ୍ରଂଶସା କରିଥିଲେ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଖାଦ୍ୟ ଯୋଗାଣ ନିଗମ ର ଅଧ୍ୟକ୍ଷ ସୁଦୀପ୍ତ ରାୟ ଯୋଗ ଦେଇ ସ୍ୱର୍ଗତ ଦାସ ଙ୍କ ରାଷ୍ଟ୍ର ଭକ୍ତି, ଦେଶପ୍ରେମ ସମ୍ପର୍କରେ ମତବ୍ୟକ୍ତ କରିବା ସହ ତାଙ୍କ ର କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ,ଏହି କାର୍ଯ୍ୟଟକ୍ରମ ରେ ଗୁରୁଚରଣ ଦାସ ସ୍ମୃତି କମିଟିର ଅଧ୍ୟକ୍ଷ ବୈଦ୍ୟନାଥ ଚାଟାର୍ଜୀ ସଭାପତିତ୍ୱ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ, କାର୍ଯ୍ୟକ୍ରମ ରେ ସେ ସମୟ ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଚାରଧାରା ର କାମ କରୁଥିବା ପ୍ରାୟ ୨୩ଜଣ ପ୍ରତିଭା ଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର (ମୋମେଂଟମ )ଓ ଉପଢୌକନ, ନଡ଼ିଆ ଆଦି ପ୍ରଦାନ କରାଯାଇ ଥିଲା, ରବିନାରାୟଣ ପତି, ଗୀତାଞ୍ଜଳି ସେଠି, ଗୌରୀ ପ୍ରସାଦ ରଥ, ସୁଲେଖ ପ୍ରଧାନ, ଶରତ ଷଡ଼ଙ୍ଗୀ, ବିପିନ ରାଉତ, ସାମ୍ବାଦିକ ଜଗନ୍ନାଥ ଦାସ, ପ୍ରଦୀପ୍ତ ମହାପାତ୍ର, କବିୟତ୍ରୀ ଅନୁସୟା ମିଶ୍ର, ରବି ନାରାୟଣ ପତି,ସର୍ବେଶ୍ୱର ମିଶ୍ର, ଦିପକ ରଥ, ଅନ୍ତର୍ଯ୍ୟାମୀ ବେଜ, ବିଦ୍ୟୁତ କୁମାର ଝୁଣ୍ଟିଆ, ଗୋଲେଖ ଚନ୍ଦ୍ର ବେହେରା କୈଳାସ ଚନ୍ଦ୍ର ଦାସ, ଅର୍ଜୁନ ମଣ୍ଡଳ, ଅଶୋକ କୁମାର ସ୍ୱାଇଁ, ନୃସିଂହ ଚରଣ ପତ୍ରି, ପ୍ରଫୁଲ୍ଲ ଦାସ, ଉମାଶଙ୍କର ଦାସ, ଇଂ ବିଷ୍ଣୁ ଚରଣ ବେହେରା, ସରୋଜ କାନ୍ତ ସାହୁ, ପ୍ରମୁଖ ସ୍ୱର୍ଗତ ଦାସ ଙ୍କ ସ୍ମୃତି ଚାରଣ କରିଥିଲେ,କାର୍ଯ୍ୟଫକ୍ରମ କୁ ସଂଯୋଜକ ଅଭିମନ୍ୟୁ ଗୋଛାୟତ ସଂଯୋଜନା କରିଥିଲେ, ଟ୍ରଷ୍ଟ ର ସମ୍ପାଦକ ବିରଂଚି ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟମକ୍ରମ ରେ ବିଜେପି କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ବିଜେପି ନେତା ସୁନାକାର ବେହେରା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, କରୁଣାକର ସାହୁ,ପ୍ରଶାନ୍ତ ସେଠି, ଇଂ ରୁଦ୍ର ନାରାୟଣ ମୁଦୁଲି, ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ, ସିଲୁପ୍ରସାଦ ମହାରଣା, ଇଂ ସୋନୁ ପ୍ରସାଦ ଦଳାଇ, ବନ୍ଦନା ଦାସ, ଝିଲ୍ଲୀ ଦାସ, ବିଘ୍ନେଶ ସେଠି, ଯଶୋବନ୍ତ ପାତ୍ର, ପ୍ରତାପ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିକ୍ରମ ରାଉତରାୟ, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ ।

# ଭଦ୍ରକ ବରପଦା ଇଂଜିନିୟରିଂ କଲେଜ ଦୁର୍ନୀତି ଟଙ୍କାରେ ଅୟସକାନ୍ତିଙ୍କ ଅୟସ : କଂଗ୍ରେସ

ଭୁବନେଶ୍ୱର ,୦୮/୧୨ (ନି.ପ୍ର): ଭଦ୍ରକ ସ୍ଥିତ ବରପଦା ଇଂଜିନିୟରିଂ କଲେଜ ଚଂଚକତା ମାମଲାକୁ ନେଇ ଆଜି କଂଗ୍ରେସ ଭବନରେ ଏକ ଗୁରୁତ୍ୱପୂର୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ ଓ ବରିଷ୍ଠ କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାଶ ଘଟିଥିବା ଦୁର୍ନୀତିର ସୂଚନା ଦେଇଥିଲେ। ପୂର୍ବତନ ସାଂସଦ ଶ୍ରୀ ସେଠୀ କହିଲେ, ବିଜେପି ଦଳ ଏକ ବଡ଼ ୱାସିଙ୍ଗ ମେସିନ ବୋଲି ପୁଣି ଥରେ ନିଜକୁ ପ୍ରମାଣିତ କରିଛି। ଯାହା ବିରୁଦ୍ଧରେ ଦୁର୍ନୀତି ପାଇଁ ଇଡି ଅନୁସନ୍ଧାନ କରୁଛି ସେମାନଙ୍କୁ ବିଜେପିରେ ଦଳ ସାମିଲ କରୁଛି। ଏଥିରୁ ପ୍ରମାଣିତ ହେଉଛି ଯେ, ମୋଦୀ ଏବଂ ଶାହାଙ୍କ ଯୋଡି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ରାଜନୈତିକ ନେତାଙ୍କୁ ଭୟଭୀତ କରି ନିଜ ଦଳରେ ସାମିଲ କରୁଛନ୍ତି। ଯେମିତି ଅପର ଦଳ ଗୁଡାକ ଦୁର୍ବଳ ହେବ। ପୁଣି ଦୁର୍ନୀତି ଅଭିଯୋଗ ଥିବା ନେତା ବିଜେପିରେ ସାମିଲ ହେଲେ ସେମାନେ ଦୁର୍ନୀତିମୁକ୍ତ ଏବଂ କଳଙ୍କମୁକ୍ତ ହୋଇ ଯାଉଛନ୍ତି। ଭଦ୍ରକ ଇଞ୍ଜିନିଅରିଙ୍ଗ କଲେଜ ଦୁର୍ନୀତି ଏବଂ ବିଜେଡି ନେତାଙ୍କ ବିଜେପିରେ ଯୋଗଦାନ ବିଜେପିର ଏକ ରଣନୀତି ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କହିଥିଲେ । ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ବରପଦା ଇଞ୍ଜିନିୟରିଂ କଲେଜର କେଳେଙ୍କାରୀର ସମସ୍ତ ଚିଠା ତଥ୍ୟ ପ୍ରମାଣ ଦେଇ କହିଲେ, ୧୯୫୬ ମସିହାରେ ଡ. ହରେକୃଷ୍ଣ ମହାତାବଙ୍କ ପରାମର୍ଶକ୍ରମେ ଭଦ୍ରକର ଶିକ୍ଷାବିତ୍ ନରେନ୍ଦ୍ର ଦାଶ ଏବଂ ବରପଦା ଅଂଚଳରେ ସାଧାରଣ ଜନତାଙ୍କ ଦାନଜମି ଉପରେ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା । ୧୯୬୭ ମସିହାରେ ଏହା ବନ୍ଦ ହୋଇଯାଇଥିଲା। ସେହି ବନ୍ଦ ହୋଇଯାଇଥିବା ସରକାରୀ ଇଞ୍ଜିନିୟରିଂ ସ୍କୁଲର କୋଠାବାଡ଼ି ଓ ଜମି ଉପରେ ୧୯୮୨ ମସିହାରେ କଂଗ୍ରେସ ସରକାରରେ ମନ୍ତ୍ରୀ ଥିବା ଶ୍ରୀଯୁକ୍ତ ଯୁଗଳ କିଶୋର ପଟ୍ଟନାୟକଙ୍କ ଉଦ୍ୟମରେ ବରପଦା ସ୍କୁଲ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ନାମରେ ଏକ ଇଞ୍ଜିନିୟରିଂ ସ୍କୁଲ ଅଣ ରେଜିଷ୍ଟ୍ରି ଭୁକ୍ତ ପରିଚାଳନା କମିଟି ଉଦ୍ୟମରେ ପ୍ରତିଷ୍ଠିତ ହେଲା ଓ ୧୯୮୩ ମସିହାରେ ଏହା ସରକାରୀ ସ୍ୱୀକୃତି ପାଇଲା । ୧୯୯୦ ମସିହାରେ ଜନତା ଦଳ ସରକାର କ୍ଷମତାକୁ ଆସିଲା ପରେ ପ୍ରଫୁଲ୍ଲ ସାମଲ ବେଷ୍ଟ ପରିଚାଳନା କମିଟିକୁ ଇସ୍ତଫା ଦେବାକୁ ବାଧ କଲେ ନିଜେ ପରିଚାଳନା କମିଟି ଗଠନ କରି ଏହାର ମୁଖ୍ୟ ରହିଲେ ଓ ୧୯୯୨-୯୩ ମସିହାରେ ସେହି ସ୍କୁଲ ବେଷ୍ଟ ସୋସାଇଟି ନାମରେ ଏକ ପରିଚାଳନା କମିଟି ଗଠନ କରି ସରକାରୀ ରେଜିଷ୍ଟ୍ରି ଭୁକ୍ତ କଲେ । ୧୯୯୫ ମସିହାରେ କଂଗ୍ରେସ ସରକାରକୁ ଆସିଲା ପରେ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ରାଉତ ସେହି ବେଷ୍ଟ ପରିଚାଳନା କମିଟିର ସଭାପତି ରହିଲେ। ଡିଗ୍ରୀ, ଏମବିଏ, ଏମସିଏ, ଆଇଟିଆଇ ଖୋଲାଗଲା। ୨୦୦୦ ମସିହାରେ ବିଜେଡ଼ି ସରକାର କ୍ଷମତାକୁ ଆସିଲା ପରେ ପ୍ରଫୁଲ୍ଲ ସାମଲ ପୁଣି ରାଜନୈତିକ କୌଶଳ ପ୍ରୟୋଗ କରି ପରିଚାଳନା କମିଟି ନିଜ ହାତକୁ ନେଲେ । ପୁରୁଣା ବାଏ-ଏ ଅନୁସାରେ ସ୍ଥାନୀୟ ବିଧାୟକ ସଭାପତି ରହିବାର ନିୟମ ଥିଲେ ମଧ୍ୟ ୨୦୦୭ ମସିହାରେ ପ୍ରଫୁଲ୍ଲ ବାବୁ ବିଧାୟକ ନଥାଇ ବାଏ-ଲ'କୁ ଆମୂଳଚୂଳ ପରିବର୍ତ୍ତନ କରି ବ୍ୟକ୍ତିକେନ୍ଦ୍ରିକ କରିଦେଲେ । ଏହାପରେ ତାଙ୍କ ପୁଅ, ବନ୍ଧୁବାନ୍ଧବ, ଚାକର ବାକରଙ୍କୁ ସୋସାଇଟ ପରିଚାଳନା କମିଟିର ସଭ୍ୟ କରି ୨୦୦୯ ମସିହାରେ ତାଙ୍କ ପୁଅ ପ୍ରୟାସକାନ୍ତ ସାମଲଙ୍କୁ ପରିଚାଳନା କମିଟିର ସଭାପତି କରି ତାଙ୍କ ହାତରେ ସମସ୍ତ କ୍ଷମତା ପ୍ରଦାନ କଲେ । ବର୍ଷକୁ ୨୦ରୁ ୨୨ କୋଟି ରୋଜଗାର ଥିଲାବେଳେ ଅନୁଷ୍ଠାନର ଖର୍ଚ୍ଚ ବର୍ଷକୁ ମାତ୍ର ୮ କୋଟି ଟଙ୍କା ଥିଲା ଓ ଅନ୍ୟ ସମସ୍ତ ଟଙ୍କା ଚଳୁ କରିଦେଇଥିଲେ। ପ୍ରଫୁଲ୍ଲ ବାବୁ ଲିଆସନ ଅଫିସ ଆଳରେ ସମସ୍ତ ଖର୍ଚ୍ଚ ଉଠାଉଥିଲେ । ତାଙ୍କ ପରିବାରର ଭଙ୍ଗା ଦଦରା ବସକୁ ଅନୁଷ୍ଠାନରେ ଭଡ଼ା ଲଗାଇବ କୋଟି କୋଟି ଟଙ୍କା ନେଉଥିଲେ । ପ୍ରଫୁଲ୍ଲ ସାମଲ ପୁଅ ପ୍ରୟାସକ୍ରାନ୍ତି ଓରଫ ଲୁଲୁ ସାମଲ ଭୁବନେଶ୍ୱର କଂଟାବାଡ଼ ଠାରେ ବେଷ୍ଟେ ଟଙ୍କାରେ ପ୍ରତିଷ୍ଠା ହୋଇଥିବା ଏକ ଇଞ୍ଜିନିୟରିଂ କଲେଜର ବିଏଟ (ଭଦ୍ରକ ଏକାଡେମି ଅଫ ଟେକ୍ନୋଲେଜି) ୪୦ ଏକର ଜମି ଓ କୋଠାବାଡ଼ି ବିକ୍ରି ଚଳୁ କରିଦେଲେ ଓ ଅନୁଷ୍ଠାନକୁ ଟଙ୍କାଟିଏ ଫେରାଇଲେ ନାହିଁ ଓ କିଛି ଜମିବାଡ଼ି ନିଜ ନାମରେ କରିନେଲେ। ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତି ସାମଲ, ବୋହୁ ଅର୍ପିତା ଜେନା ଇତ୍ୟାଦିଙ୍କ ଦ୍ୱାରା ଅନୁଷ୍ଠାନର ମେରି ରାୟ ନୀତି ଚାଲିଲା। କର୍ମଚାରୀମାନଙ୍କ ଦରମା, ଇପିଏଫ, ବ୍ୟାଙ୍କ ଲୋନ, ଏଲଆଇସି ନଦେବାରୁ କର୍ମଚାରୀମାନେ ପ୍ରତିବାଦ କଲେ।

# ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ୪୪ତମ ଯୁବ ଛାତ୍ର ଛାତ୍ରୀ ସମ୍ମେଳନ ଅନୁଷ୍ଠିତ

ନୂଆପଡ଼ା,୦୮/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳା ସ୍ଥିତ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ଖଡ଼ିଆଳ ପାଟଣା କ୍ଷତ୍ରୀୟ ସମାଜର ୪୪ ତମ ଯୁବ ଛାତ୍ରଛାତ୍ରୀ ସମ୍ମିଳନୀ ଆଜି ଆୟୋଜିତ ହୋଇଯାଇଛି। କୁଳପତି ଶମ୍ଭୁ କିଶୋର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବରିଷ୍ଠ ପରାମର୍ଶଦାତା ଜ୍ଞାନ ପ୍ରକାଶ ସିଂ, ନନ୍ଦଲାଲ ବାରିକ, ହରିଶ୍ଚନ୍ଦ୍ର ବାରିକ, କେତନ ସିଂ ବାରିକ, ଅଶ୍ୱିନୀ କୁମାର ପ୍ରଧାନୀ, ମହେଶ୍ୱର ପ୍ରସାଦ ବାରିକ, ବିଦ୍ୟାଧର ବିଶି, ଦେବ ସିଂ ନାଏକ, ବଳଦେବ ରାଉତ, ବିଶ୍ୱମ୍ବର ପ୍ରଧାନ ପ୍ରମୁଖ ଯୋଗଦାନ କରି କ୍ଷତ୍ରିୟ ସମାଜ ତରଫରୁ କରାଯାଉଥିବା ଯୁବ ଛାତ୍ର ଛାତ୍ରୀ ସମ୍ମେଳନ ଏକ ଉଚ୍ଚ କୋଟୀର କାର୍ଯ୍ୟକ୍ରମ ବୋଲି ଅଭିହିତ କରିଥିଲେ। ସଂଗଠକ ପରମେଶ୍ୱର ବାରିକ ଅତିଥି ଆମନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମରେ ଉପ କୁଳପତି ସୁରେନ୍ଦ୍ର ପ୍ରଧାନୀ, ମୁଖ୍ୟ ସମ୍ପାଦକ ଦିଲ୍ଲୀପ କୁମାର ନାଏକ, ସହ ସଂପାଦକ ସୁନିଲ କୁମାର ମାଝୀ, ଯୁଗ୍ମ ସଂଗଠକ ଜଗଦୀଶ ବାରିକ, କୋଷାଧ୍ୟକ୍ଷ ଶ୍ରୀବତ୍ସ ବାରିକ ମଂଚାସିନ ଥିଲେ। କଲେଜ ଅଧକ୍ଷ ରୁଦ୍ର ମାଧବ ବାରିକ, ଜିତାମିତ୍ର ବିଶି, ଡ. ସୁଶାନ୍ତ କୁମାର ବିଶି ଉଦଘୋଷକ ଦାୟିତ୍ୱ ନିର୍ବାହ କରିଥିଲେ। ସଂସ୍କୃତି ବିଭାଗ ଉପ ସଭାପତି ଶିକ୍ଷାବିତ ତୁମେଶ୍ୱର ଚଲାନ, ଶିକ୍ଷାବିତ ଅଶୋକ କୁମାର ବାରିକ, ଦେବାନନ୍ଦ ଚଲାନ ଓ ତାଙ୍କ ଟିମ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୈଠକରେ ପୂର୍ବତନ ମୁଖ୍ୟ ସମ୍ପାଦକ ଦ୍ୱୟ ସୁଶୀଲ କୁମାର ଚଲାନ ଓ ବୃନ୍ଦାବନ ବାରିକ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁଦତ୍ତ ଚଲାନ, ଯଜ୍ଞ କୁମାର ମହାରଥା, ଅଶୋକ କୁମାର ରାଉତ, ଲଛିନ୍ଦ୍ର ଚଲାନ, ଅକିଂଚନ ବାରିକ, ଗିରିଧାରୀ ବାରିକ ଚୈତନ୍ୟ ଦଣ୍ଡସେନା ସମେତ ୩୧ ଗୋଟି ଅଂଚଳର ଅଂଚଳ ସଭାପତି, ଅଂଚଳ ସମ୍ପାଦକ, କେନ୍ଦ୍ର ସଦସ୍ୟ, ମନୋନୀତ କେନ୍ଦ୍ର ସଦସ୍ୟ ସମେତ ପ୍ରଥମ ଠାରୁ ସ୍ନାତକୋତ୍ତର ଯାଏ ଶତାଧିକ ଛାତ୍ରଛାତ୍ରୀ ସମେତ ଶତାଧିକ କ୍ଷତ୍ରିୟ ବନ୍ଧୁ ବାନ୍ଧବୀ ସାମିଲ ହୋଇଥିଲେ। ଶେଷରେ ଶିକ୍ଷା ଓ ସଂସ୍କୃତି ବିଭାଗର ସମ୍ପାଦକ ଅଶୋକ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

କେନ୍ଦ୍ରାପଡା,୦୮/୧୨ (ନି.ପ୍ର): ସେନା ବାହିନୀରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ପୂର୍ବତନ ସୈନିକ ଭେଟେରାନ ହାବିଲଦାର କୈଳାସ ଚନ୍ଦ୍ର ପ୍ରଧାନଙ୍କ ହୃଦଘାତରେ ପରଲୋକ ହୋଇ ଯାଇଛି । ଡାଳିଚି ଗ୍ରାମର ସ୍ୱର୍ଗତ ପ୍ରଧାନଙ୍କ ଦେହାନ୍ତ ଖବର ପାଇ ପୂର୍ବତନ ସୈନିକ ସଂଘର ସଦସ୍ୟମାନେ ତାଙ୍କର ଶେଷ ଦର୍ଶନ କରିବା ସହ ଜାତୀୟ ପତାକା ଓ ଫୁଲର ରିଚ ଅର୍ପଣ କରି ସମ୍ମାନ ଜଣାଇଥିଲେ । ଏହାସହ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ଚମ୍ପୁଆ ଶିଶୁ ମନ୍ଦିରରେ ଜେଜେବାପା ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ

ଚମ୍ପୁଆ,୦୮/୧୨ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜେଜେବାପା ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ସୁରେଶ ଚନ୍ଦ୍ର ମହାନ୍ତ ଯୋଗଦେଇ ସମସ୍ତ ପ୍ରକାରର ଶିକ୍ଷା ଠାରୁ ଜେଜେବାପା ଜେଜେମାଆ ମାନଙ୍କ ଠାରୁ ମିଳୁଥିବା ଅଭିଜ୍ଞତା ମୂଳକ ଶିକ୍ଷା ହିଁ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ବୋଲି କହିଥିଲେ । ସମ୍ପାଦକ ଭୋଳାନାଥ ମିଶ୍ର ଯୋଗ ଦେଇ ଜେଜେବାପା ଜେଜେମାଆମାନେ କିପରି ପିଲାମାନଙ୍କୁ ଅତୀତରେ ଉଚିତ୍ ସଂସ୍କାର ଦେଉଥିଲେ ସେ ବିଷୟରେ ଅବଗତ କରିଥିଲେ । ବିଦ୍ୟାଳୟର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗଦେଇ ପିଲାମାନଙ୍କର ପଂଚଶିକ୍ଷାର ଆବଶ୍ୟକତା ବିଷୟରେ କହିଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଏହି ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ଅବଗତ କରିଥିଲେ । ଜେଜେବାପା ମାନଙ୍କୁ ନେଇ ସଂଗୀତ ପ୍ରତିଯୋଗୀତା , ଜେଜେବାପାମାନଙ୍କୁ ନେଇ ୧୦୦ ମିଟର ଚାଲି ଓ ପୌରାଣିକ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନନ କରାଯାଇଥିଲା ।

# ଶ୍ରୀଖଣ୍ଡ ପର୍ବତ



ଅଙ୍ଗିରା ବା ଅଙ୍ଗୀରସ ମୁନି ବ୍ରହ୍ମାଙ୍କର ମାନସ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ। କୂର୍ମ ପୁରାଣ ଅନୁସାରେ ସେ ବ୍ରହ୍ମାଙ୍କର ମସ୍ତିଷ୍କରୁ ଜାତ ହୋଇଥିଲେ। ସେ ସପ୍ତଋଷିଙ୍କର ଅନ୍ତର୍ଗତ। ସେ 'ଅଙ୍ଗୀରସ ସଂହିତା' ନାମକ ଏକ ଗ୍ରନ୍ଥର ପ୍ରଣେତା। ଏହି ଋଷିଙ୍କର ସାତ ପ୍ରଭାମୟ ପୁତ୍ର ଥିଲେ, ଯେଉଁମାନଙ୍କ ମଧ୍ୟରୁ ଦେବଗୁରୁ ବୃହସ୍ପତି ଜଣେ। ତାହାଙ୍କଠାରୁ ବିଭିନ୍ନ ଅଗ୍ନିମାନ ସଂଜାତ ହୋଇଥିଲେ। ସଂସାରରେ ସେ ଦ୍ୱିତୀୟ ଅଗ୍ନି ଭାବରେ ଖ୍ୟାତ। ପ୍ରାଚୀନ କାଳର କଥା। ମହାଭାଗ ଅଙ୍ଗିରା ଏକଦା କଠୋର ତପସ୍ୟା କରିବା ଆରମ୍ଭ କଲେ। ସେହି ତପଶ୍ଚରଣରେ ସେ ସଫଳ ମଧ୍ୟ ହେଲେ। ସେହି ସମୟରେ କୌଣସି କାରଣରୁ ଅଗ୍ନିଦେବ ଜଳ ମଧ୍ୟରେ ରହି ତପସ୍ୟା କରି ଅତ୍ୟନ୍ତ କ୍ଷୀଣ ଓ ପ୍ରଭାହୀନ ହୋଇଯାଇଥିଲେ। ସ୍ୱୟଂ ତେଜୋମୟ ହୋଇ ମଧ୍ୟ ଅଙ୍ଗିରାମୁନିଙ୍କ ତାପରେ ସେ ଅତ୍ୟନ୍ତ ସନ୍ତାପିତ ହୋଇପଡ଼ିଲେ। ତାଙ୍କର ଶରୀର ମଳିନ ହୋଇଗଲା। କିନ୍ତୁ ଏହାର କାରଣ ଜାଣି ନ ପାରିବାରୁ ସେ ମନେ ମନେ ଚିନ୍ତା କଲେ- ଦୀର୍ଘ ସମୟ ଅନୁପସ୍ଥିତ ରହିବାରୁ ବ୍ରହ୍ମା ବୋଧହୁଏ କୌଣସି ଦ୍ୱିତୀୟ ଅଗ୍ନି ନିର୍ମାଣ କରିଛନ୍ତି। ତପସ୍ୟା ହେତୁ ମୋର ଅଙ୍ଗ କ୍ଷୀଣ ଓ ନିଷ୍ପ୍ରଭ ହୋଇଯାଇଛି। କିପରି ପୁଣି ମୁଁ ମୋର ପୂର୍ବରୂପ ଫେରି ପାଇବି? ରାମକଥା ଅନୁସାରେ, ଭଗବାନ ରାମଚନ୍ଦ୍ର ଅଙ୍ଗିରା ମୁନିଙ୍କୁ ସାକ୍ଷାତ କରିବା ପାଇଁ ଏଠାକୁ ଆସିଥିଲେ। ବନବାସ କାଳରେ ସେ ଏଠାରେ କିଛିଦିନ ଅତିବାହିତ କରିଥିଲେ। ଏଠାରେ ସପ୍ତଋଷି- ମୁଚୁକୁନ୍ଦ, ଅଗସ୍ତ୍ୟ, ଅଙ୍ଗିରା, ଶୃଙ୍ଗୀ, କଂକର, ଶରଭଙ୍ଗ ଓ ଗୌତମଙ୍କ ଆଶ୍ରମ ଥିଲା। ଏହି ପର୍ବତର ଶିଖର ଦେଶରେ ଋଷି ଅଙ୍ଗିରାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ପର୍ବତ ପାଦତଳେ ଏକ ଯଜ୍ଞଶାଳା ରହିଛି, ଯେଉଁଠି ଅଙ୍ଗିରାଙ୍କର ଚିମୁଟା ଓ ତ୍ରିଶୂଳ ପୂଜା ପାଉଛି। ପର୍ବତ ଶିଖରର ଏକ ଶିଳା ଉପରେ ଏକ ପଦଚିହ୍ନ ଅଙ୍କିତ। ତାହାକୁ ଭଗବାନ ରାମଙ୍କର ପାଦଚିହ୍ନ ବୋଲି କୁହାଯାଏ। ଏହିପରି ଚିନ୍ତାକରି ଇତସ୍ତତଃ ହୋଇ ବୁଲୁବୁଲୁ ଅଙ୍ଗିରା ମୁନିଙ୍କ ସହିତ ଅଗ୍ନିଙ୍କର ସାକ୍ଷାତ ହେଲା। ସେ ଦେଖିଲେ, ମୁନି ଅଙ୍ଗିରା ଅଗ୍ନିସମାନ ପ୍ରକାଶିତ ହୋଇ ସମଗ୍ର ଜଗତକୁ ଉତ୍ତାପ ପ୍ରଦାନ କରୁଛନ୍ତି। ଏହା ଦେଖି ଅଗ୍ନି ମୁନି ଅଙ୍ଗିରାଙ୍କ ନିକଟକୁ ଆସି ତାଙ୍କୁ ଲୋକପାବନ ଅଗ୍ନିଙ୍କ ପଦରେ ପ୍ରତିଷ୍ଠିତ ହେବାକୁ ଅନୁରୋଧ କଲେ। ଏହାକୁ ମହାମୁନି ଅଙ୍ଗିରା ଅସ୍ୱୀକାର କରିବା ସହିତ ଅଗ୍ନିଙ୍କୁ ନିଜ ପଦରେ ରହିବାକୁ ଏବଂ ତାଙ୍କୁ ପୁତ୍ର ରୂପେ ଗ୍ରହଣ କରିବାକୁ ଅନୁରୋଧ କଲେ। ସେ ଯଜ୍ଞହବି ଅଗ୍ନିଙ୍କ ନିକଟରେ ପହଞ୍ଚାଇ ତାଙ୍କୁ ପୁନଶ୍ଚ ପ୍ରଭାଯୁକ୍ତ କଲେ। ଏହା ପଞ୍ଚାଗ୍ନି ନାମରେ ବିଖ୍ୟାତ ହେଲା।

ଏହି କୀର୍ତ୍ତିମାନ ତପସ୍ୱୀଙ୍କର ଆଶ୍ରମ ଛତିଶଗଡ଼ର ଧମତେରୀ ଜିଲାର ସିହବା ପର୍ବତରେ ରହିଛି। ପ୍ରାଚୀନ କାଳରେ ତାହା ଶ୍ରୀଖଣ୍ଡ ପର୍ବତ ନାମରେ ପ୍ରଖ୍ୟାତ ଥିଲା। ଏହି ପର୍ବତ ମହାନଦୀର ଉଦ୍‌ଗମ ସ୍ଥଳ। ରାମକଥା ଅନୁସାରେ, ଭଗବାନ ରାମଚନ୍ଦ୍ର ଅଙ୍ଗିରା ମୁନିଙ୍କୁ ସାକ୍ଷାତ କରିବା ପାଇଁ ଏଠାକୁ ଆସିଥିଲେ। ବନବାସ କାଳରେ ସେ ଏଠାରେ କିଛିଦିନ ଅତିବାହିତ କରିଥିଲେ। ଏଠାରେ ସପ୍ତଋଷି- ମୁଚୁକୁନ୍ଦ, ଅଗସ୍ତ୍ୟ, ଅଙ୍ଗିରା, ଶୃଙ୍ଗୀ, କଂକର, ଶରଭଙ୍ଗ ଓ ଗୌତମଙ୍କ ଆଶ୍ରମ ଥିଲା।

ଏହି ପର୍ବତର ଶିଖର ଦେଶରେ ଋଷି ଅଙ୍ଗିରାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ପର୍ବତ ପାଦତଳେ ଏକ ଯଜ୍ଞଶାଳା ରହିଛି, ଯେଉଁଠି ଅଙ୍ଗିରାଙ୍କର ଚିମୁଟା ଓ ତ୍ରିଶୂଳ ପୂଜା ପାଉଛି। ପର୍ବତ ଶିଖରର ଏକ ଶିଳା ଉପରେ ଏକ ପଦଚିହ୍ନ ଅଙ୍କିତ। ତାହାକୁ ଭଗବାନ ରାମଙ୍କର ପଦଚିହ୍ନ ବୋଲି କୁହାଯାଏ। ପର୍ବତ ମଧ୍ୟରେ ସାତରୁ ଅଧିକ ଗୁମ୍ଫା ରହିଛି। ଗୋଟିଏ ଗୁମ୍ଫାରେ ସର୍ବଦା ପ୍ରଦୀପ ପ୍ରଜ୍ୱଳିତ ରହିଛି। ପର୍ବତର ପାଦଦେଶରେ ସୀତାନଦୀ ପ୍ରବାହିତ। ଛତିଶଗଡ଼ ସରକାର ସଂପ୍ରତି ରାମ ଗମନ ପଥ ପରିକ୍ରମା ବିକାଶ ଯୋଜନାରେ ଏହି ପର୍ବତକୁ ଅନ୍ତର୍ଭୁକ୍ତ କରି ଏହି ସ୍ଥାନର ବିକାଶ ପାଇଁ ଧ୍ୟାନ ଦେଉଛନ୍ତି।

# ଚା' ସହିତ ଖାଉଛନ୍ତି କି ଏହି ୫ ଜିନିଷ, ଆଜି ହିଁ ଛାଡନ୍ତୁ; ନଚେତ ହେଇପାରେ ଏମିତି ଅବସ୍ଥା

**ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ। ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ।**












***ସିଝା ଅଣ୍ଡା:***
ଅନେକ ଲୋକ ଚା ସହିତ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଯଦି ଆପଣ ମଧ୍ୟ ସେମାନଙ୍କ ମଧ୍ୟରେ ଅଛନ୍ତି ତେବେ ଟିକେ ସତର୍କ ରୁହନ୍ତୁ। କାରଣ ସିଝା ଅଣ୍ଡା ଖାଇବା ଦ୍ୱାରା ହଜମ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ତେବେ ବ୍ରେକଫାଷ୍ଟ୍ ଭାବରେ ଆପଣ ଓମଲେଟ୍ କିମ୍ବା ସାଣ୍ଡୱିଚ୍ ଖାଇପାରିବେ।

***ପକୋଡ଼ି:***
ବର୍ଷା ସମୟରେ ଅଧିକାଂଶ ଲୋକ ଚା' ସହିତ ପକୋଡି ଖାଇବାକୁ ପସନ୍ଦ କରନ୍ତି। ବେସନରୁ ପ୍ରସ୍ତୁତ ପକୋଡି, କଟ୍ ?ଲେଟ୍ ଏବଂ ଆଳୁଚପ୍ ଆଦି ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ଏହା ହଜମ ପ୍ରକ୍ରିୟାକୁ ଦୁର୍ବଳ କରିପାରେ। ତେବେ ଚା' ସହିତ ମିଶିଗଲେ ଏଥିରେ ଥିବା ପୋଷକ ତତ୍ତ୍ୱ ପେଟ ସମ୍ବନ୍ଧୀୟ ରୋଗକୁ ବଢେଇଦେଇପାରେ।

***ପାଣି:***
ଚା' ସହିତ ପାଣି ପିଇବା ମଧ୍ୟ ଶରୀର ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ହଜମ ପ୍ରକ୍ରିୟା ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ଏବଂ ବଦହଜମୀ, ଖଟା ହେକୁଟି ଏବଂ ଏସିଡିଟି ଭଳି ସମସ୍ୟା ବଢିଥାଏ।

***ଲୁଣି ଖାଦ୍ୟ:***
ବର୍ତ୍ତମାନ ଆପଣ କହିବେ ଚା ସହିତ ଲୁଣି ଖାଦ୍ୟ ଖାଇବାରେ ଅସୁବିଧା କ'ଣ? ଅନେକ ପ୍ରକାରର ଲୁଣି ଜିନିଷ ଚା' ସହିତ ପ୍ରତିକ୍ରିୟା ସୃଷ୍ଟି କରେ। ହଜମକୁ ନଷ୍ଟ କରିପାରେ। ଚା'ରେ ମିଳୁଥିବା ଟେନିନ୍ ଲୁଣି ଖାଦ୍ୟରୁ ମିଳୁଥିବା ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ। ଯେଉଁଥିପାଇଁ ଲାଭ ବଦଳରେ ଶରୀର ପାଇଁ କ୍ଷତି ପାଇଥାଏ।

***ଲେମ୍ବୁ:***
ଅନେକ ଖାଦ୍ୟ ସାମଗ୍ରୀର ସ୍ୱାଦ ବଢାଇବା ପାଇଁ, ଲୋକମାନେ ଏଥିରେ ଲେମ୍ବୁ ମିଶାଇ ଏହାକୁ ଚା ସହିତ ବଡ ମଜାରେ ଖାଆନ୍ତି। ଏହା କରିବା ଦ୍ୱାରା ଲେମ୍ବୁରେ ଥିବା ଅମ୍ଳୀୟ ଉପାଦାନଗୁଡ଼ିକ ପେଟରେ ଏସିଡ୍ ସମସ୍ୟା ସୃଷ୍ଟି କରିପାରେ। ଏହା ପେଟ ଦରଜ ଏବଂ ହୃଦଘାତ ଭଳି ସମସ୍ୟାକୁ ବଢାଇପାରେ।

# ଗରମ ଭାତ ସହ ଖାଆନ୍ତୁ ଭାକୁର ମାଛ ପୋସ୍ତ



ଅଧିକାଂଶ ଲୋକଙ୍କୁ ମାଛ ଖାଇବା ବେଶ୍ ଭଲ ଲାଗେ। ମାଛକୁ ବିଭିନ୍ନ ପ୍ରକାରର ରୋଷେଇ କରି ସମସ୍ତେ ଖାଆନ୍ତି। କିଏ ମାଛକୁ ତେଲରେ ଡିପ୍ ଫ୍ରାଏ କରି ଖାଏ ତ ଆଉ କିଏ ତରକାରୀ କରି। କେବେ ଭାକୁର ମାଛ ପୋସ୍ତ ବନାଇ ଖାଇଛନ୍ତି? ଆସନ୍ତୁ ଜାଣିବା କିପରି ତିଆରି କରିବା ଭାକୁର ମାଛ ପୋସ୍ତ।

ଆବଶ୍ୟକ ସାମଗ୍ରୀ: ଭାକୁର ମାଛ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା'ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଭାକୁର ମାଛ ପୋସ୍ତ।

# ନିରାମିଷ ନୁହେଁ 'ଅଞ୍ଜିର' ହେଉଛି ଆମିଷ ଫଳ: ଜାଣନ୍ତୁ ଏହା ପଛର ସତ...





ଯେତେବେଳେ ବି ନିରାମିଷ ଖାଦ୍ୟ କଥା ଆସେ, ସେ ସମୟରେ ଫଳଗୁଡ଼ିକୁ ପ୍ରଥମ ପ୍ରାଥମିକତା ଦିଆଯାଏ । ସାଧାରଣତଃ ଫଳଗୁଡିକୁ ନିରାମିଷ ଭାବରେ ବିବେଚନା କରାଯାଏ । ତେଣୁ ଶାକାହାରୀମାନେ ଅନ୍ଧ ଭାବରେ ସେମାନଙ୍କ ଖାଦ୍ୟରେ ଫଳଗୁଡିକ ଅନ୍ତର୍ଭୁକ୍ତ କରଥାନ୍ତି । କିନ୍ତୁ ଯଦି ଆମେ ଆପଣଙ୍କୁ କହିବୁ କି ସମସ୍ତ ଫଳଗୁଡ଼ିକ ନିରାମିଷ ନୁହେଁ । ତେବେ ଆପଣ ଏହାକୁ ବିଶ୍ୱାସ କରିବେ କି ? ଯଦି ଆପଣ ସମସ୍ତ ଫଳକୁ ନିରାମିଷ ବୋଲି ମଧ୍ୟ ଭାବନ୍ତି, ତେବେ ଆଜି ଆମେ ଏହି ଆର୍ଟିକିଲରେ ଆପଣଙ୍କର ଏହି ଭୁଲ ଧାରଣାକୁ ଦୂର କରିବୁ । ସମସ୍ତେ ନିଶ୍ଚିତ ଭାବରେ ଅଞ୍ଜିରର ନାମ ଶୁଣିଥିବେ । ଯାହା ଇଂରାଜୀରେ ଫିଗ୍ସ କୁହନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଏହାକୁ ଖାଇବା ଦ୍ୱାରା ଅନେକ ସମସ୍ୟା ଉପଶମ ହୋଇଥାଏ । ସାଧାରଣତଃ ଏହାକୁ ନିରାମିଷ ଭାବରେ ବିବେଚନା କରାଯାଏ କାରଣ ଏହା ଫଳ ବର୍ଗରେ ରହିଥାଏ । କିନ୍ତୁ ଆପଣ ଜାଣନ୍ତି କି ଋସଶଷ୍ମ ଖାଇବା ଦ୍ୱାରା ଆପଣ ଏକ ମାଂସାହାରୀ ହୋଇପାରିବେ । ତେବେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବା ଏହା କେମିତି ସମ୍ଭବ । ତେବେ ଆସନ୍ତୁ ଜାଣିବା ଲସଶଷ୍ମ ଖାଇଲେ ଆପଣ କିପରି ମାଂସାହାରୀ ହୋଇପାରିବେ। ମିଠା ଏବଂ ସ୍ୱାଦିଷ୍ଟ ଅଞ୍ଜିରକୁ ଏକ ଆମିଷ ଫଳ ଭାବରେ ବିବେଚନା କରାଯିବାର କାରଣ ହେଉଛି ଏହାର ପରାଗଣ ପ୍ରକ୍ରିୟ । ବାସ୍ତବରେ, ଅଞ୍ଜିରରେ ପରାଗଣ ପାଇଁ ବିରୁଢ଼ି ପ୍ରଜାତିର ଛୋଟ ଛୋଟ କୀଟ ଉପରେ ନିର୍ଭର କରେ । ଏହି କୀଟ ଛୋଟ ଛୋଟ ଗର୍ତ୍ତ ଦେଇ ଫଳ ମଧ୍ୟକୁ ପ୍ରବେଶ କରିଥାଏ । ଅଞ୍ଜିରର ଫୁଲ ଫଳ ଭିତରେ ଅଛି ଏବଂ ତେଣୁ ପରାଗଣ ପ୍ରକ୍ରିୟା ପାଇଁ ବିରୁଢ଼ି ପ୍ରଜାତିର ଛୋଟ ଛୋଟ କୀଟକୁ ଫଳ ଭିତରକୁ ଯିବାକୁ ପଡେ । ଯେତେବେଳେ ଏହି କୀଟ ଫଳ ଭିତରେ ଥାଏ, ସେ ସମୟରେ ସେମାନେ ଅଣ୍ଡା ଦେଇଥାନ୍ତି । ଏହାପରେ ପରାଗ ଅଞ୍ଜିରର ଫୁଲକୁ ଟ୍ରାନ୍ସଫର ହୋଇଥାଏ । ଏହାପରେ ଅଣ୍ଡାହୀନ ମହିଳା କୀଟ ଇନ୍ୟୁବେଡ୍ କରେ ଓ ପରେ ଅଞ୍ଜିର ଭିତରେ ମରିଯାଏ । ଯାହାକୁ ଅଞ୍ଜିରରେ ଥିବା ଫିସିନ୍ ଏନଜାଇମ୍ ଖାଇଦିଏ ଏବଂ ଏହାକୁ ଫଳ ସହିତ ମିଶାଇଦିଏ। ତେବେ ଏହି ପୂରା ପ୍ରକ୍ରିୟା ଉଭୟ ପ୍ରଜାତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ପ୍ରକ୍ରିୟା ପରେ ଆପଣ ଅଞ୍ଜିରକୁ ନିରାମିଷ କିମ୍ବା ଆମିଷ ଭାବେ ବିବେଚନା କରନ୍ତି, ଏହା ଆପଣଙ୍କ ନିଷ୍ପତ୍ତି ।



# ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ, ତା' ହେଲେ ସୁଧାରି ନିଅନ୍ତୁ ଏହି ତ୍ରୁଟି




ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଆପଣଙ୍କ ଅଜାଣତରେ ହେଉଥିବା ୪ଟି ଭୁଲ୍ ପାଇଁ ଆପଣଙ୍କୁ ହୁଏତ ଏପରି ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଇପାରେ। ତା' ହେଲେ ଆସନ୍ତୁ ଜାଣିବା କ'ଣ ଏହି ତ୍ରୁଟି ଓ କିପରି ଏହାକୁ ସୁଧାରିବା। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ପାଣିର ଅଯଥା ଅପଚୟ କରନ୍ତୁ ନାହିଁ। ଅନାବଶ୍ୟକ ସ୍ଥଳେ ପାଣି ଟ୍ୟାପ ଖୋଲନ୍ତୁ ନାହିଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ତେଣୁ ସବୁବେଳେ ପାଣି ଟ୍ୟାପକୁ ଭଲ ଭାବେ ବନ୍ଦ କରନ୍ତୁ । ତ୍ରୁଟି ଥିଲେ ଏହାକୁ ତୁରନ୍ତ ସଜାଡ଼ି ନିଅନ୍ତୁ । ଘରର ଆଲମିରା ବା ଟଙ୍କାପଇସା ଆଦି ରଖୁଥିବା ସ୍ଥାନକୁ କେବେବି ଖୋଲା ଛାଡ଼ନ୍ତୁ ନାହିଁ। ଏପରି ହେବା ଦ୍ୱାରା ଆପଣଙ୍କୁ ସବୁବେଳେ ଧନର ଅଭାବ ଅନୁଭବ ହୋଇଥାଏ। ତେଣୁ ସବୁବେଳେ ସବୁବେଳେ ଏହାକୁ ବନ୍ଦ କରି ରଖନ୍ତୁ। ଆଲମିରା ସବୁବେଳେ ଖୋଲା ରହିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କ କୋପ ଦୃଷ୍ଟି ପଡ଼ିଥାଏ। ଯେଉଁ ଘର ସବୁବେଳେ ସଫାସୁତୁରା ରହି ନ ଥାଏ, ଉକ୍ତ ଘରେ ମା' ଲକ୍ଷ୍ମୀଙ୍କ ପାଦ ପଡ଼ି ନ ଥାଏ। ଆଉ ମା' ଲକ୍ଷ୍ମୀ ପ୍ରସନ୍ନ ନ ରହିଲେ, ତାଙ୍କ ଆଗମନ ନ ହେଲେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହିବା ଥୟ। ତେଣୁ ଯଥା ସମ୍ଭବ ଘରକୁ ସବୁବେଳେ ପରିଷ୍କାର ରଖନ୍ତୁ । ଘରେ ଥିବା ତୁଳସୀ ଗଛକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଯଦି ବିନା କୌଣସି କାରଣରେ ସବୁବେଳେ ତୁଳସୀ ଗଛ ଶୁଖି ଯାଉଛି ତେବେ ଏହାର ପରିଣାମ ଶୁଭଙ୍କର ନୁହେଁ। ଏପରି ହେଲେ ଆପଣ ସବୁବେଳେ ଅଭାବ, ଅନଟନରେ ଘାଣ୍ଟି ହେବେ। ଆର୍ଥିକ ଦୁର୍ଗତି ପିଛା ଛାଡ଼ିବନି। ତେଣୁ ଯଥା ସମ୍ଭବ ଘରେ ଥିବା ତୁଳସୀ ଗଛକୁ ସବୁବେଳେ ବଞ୍ଚାଇ ରଖନ୍ତୁ।

# ବିମାନ ଚାଳକଙ୍କ କ୍ଲାନ୍ତି ଓ ନୂତନ ଡିଜିସିଏ ନିୟମାବଳୀ

ସାମ୍ପ୍ରତିକ ସମୟରେ ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ଦେଖାଦେଇଥିବା ବିଭ୍ରାଟ, ବିଶେଷକରି ଇଣ୍ଡିଗୋ ଏୟାରଲାଇନ୍ସ ଦ୍ୱାରା ବ୍ୟାପକ ଭାବରେ ବିମାନ ବାତିଲ ହେବା ଘଟଣା, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବା ଡିଜିସିଏ (**DGCA**) ଦ୍ୱାରା ପ୍ରଣୟନ କରାଯାଇଥିବା ନୂତନ କ୍ଲାନ୍ତି ଏବଂ ବିଶ୍ରାମ ନିୟମାବଳୀ ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଯାତ୍ରୀମାନଙ୍କ ଅସନ୍ତୋଷ ଏବଂ ସାଧାରଣ ଜନତାଙ୍କ କ୍ରୋଧ ସ୍ୱାଭାବିକ, କିନ୍ତୁ ଏହି ପରିସ୍ଥିତିର ମୂଳ କାରଣ ବୁଝିବା ନିତାନ୍ତ ଆବଶ୍ୟକ । ଏହି ବାତିଲ ପ୍ରକ୍ରିୟା ମୁଖ୍ୟତଃ ଏୟାରଲାଇନ୍ସର କର୍ମଚାରୀ ନିୟୋଜନରେ ଥିବା ତ୍ରୁଟି ଏବଂ ଅପର୍ଯ୍ୟାପ୍ତ ଯୋଜନା ଯୋଗୁଁ ଘଟିଛି, ନିୟମାବଳୀର କୌଣସି ତ୍ରୁଟି ଯୋଗୁଁ ନୁହେଁ । ଏହି ପରିପ୍ରେକ୍ଷୀରେ, ବିମାନ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କ ଚାପରେ ଆସି ନୂତନ ନିୟମକୁ କୋହଳ କରିବାର କୌଣସି ପ୍ରୟାସକୁ ଦୃଢ଼ ବିରୋଧ କରାଯିବା ଉଚିତ, କାରଣ ଏହା ସିଧାସଳଖ ଯାତ୍ରୀ ସୁରକ୍ଷା ସହିତ ଜଡ଼ିତ।

ବିମାନ ସୁରକ୍ଷା କେବଳ ଯାନ୍ତ୍ରିକ ତ୍ରୁଟିଶୂନ୍ୟତା ଉପରେ ନିର୍ଭର କରେ ନାହିଁ, ବରଂ ଏହା ମାନବ ଶରୀରତତ୍ତ୍ୱର ଅପରିବର୍ତ୍ତନୀୟ ନୀତି ଉପରେ ମଧ୍ୟ ଆଧାରିତ । ଡିଜିସିଏର ନୂତନ ନିୟମାବଳୀ ପାଇଲଟ୍ ବା ବିମାନ ଚାଳକମାନଙ୍କ କ୍ଲାନ୍ତି ଦୂର କରିବା ପାଇଁ ଉଦ୍ଦିଷ୍ଟ । ଏହି ନୂତନ ଢାଞ୍ଚାରେ ପାଇଲଟମାନଙ୍କ ସାପ୍ତାହିକ ବିଶ୍ରାମ ସମୟକୁ ୩୬ ଘଣ୍ଟାରୁ ବୃଦ୍ଧି କରି ୪୮ ଘଣ୍ଟା କରାଯାଇଛି । ଏହା ବ୍ୟତୀତ, ଜଣେ ପାଇଲଟ୍ ପାଇଁ ଅନୁମତିପ୍ରାପ୍ତ ରାତ୍ରିକାଳୀନ ଅବତରଣ (**Night Landings**) ସଂଖ୍ୟାକୁ ଛଅରୁ ହ୍ରାସ କରି ଦୁଇକୁ କମାଇ ଦିଆଯାଇଛି । ଏହା ସହିତ 'ରାତ୍ରିକାଳୀନ ଡ୍ୟୁଟି'ର ସଂଜ୍ଞାକୁ ମଧ୍ୟ ସମ୍ପ୍ରସାରିତ କରାଯାଇଛି ଯାହାଦ୍ୱାରା ଜୈବିକ ଦୃଷ୍ଟିକୋଣରୁ ଅନୁପଯୁକ୍ତ ସମୟରେ ବିମାନ ଉଡ଼ାଣ ଉପରେ କଟକଣା ଲଗାଯାଇପାରିବ । କ୍ରମାଗତ ରାତ୍ରିକାଳୀନ ଡ୍ୟୁଟି ଉପରେ ସୀମା, ବାଧ୍ୟତାମୂଳକ କ୍ଲାନ୍ତି ରିପୋର୍ଟିଂ, ରୋଷ୍ଟର ବା କାର୍ଯ୍ୟସୂଚୀ ଉପରେ କଡ଼ା ନଜର ଏବଂ ନିୟନ୍ତ୍ରିତ ପରିବର୍ତ୍ତନ ସମୟସୀମା ମଧ୍ୟ ଏହି ଅପଡେଟ୍ ହୋଇଥିବା ନିୟମାବଳୀର ଅଂଶବିଶେଷ ।

ଏହି ପରିବର୍ତ୍ତନଗୁଡ଼ିକ ଆମେରିକା ଏବଂ ୟୁରୋପର ନିୟାମକମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଶ୍ୱସ୍ତରୀୟ ଅଭ୍ୟାସକୁ ପ୍ରତିଫଳିତ କରୁଛି । ଗବେଷଣାରୁ ଏହା ପ୍ରମାଣିତ ହୋଇଛି ଯେ କ୍ଲାନ୍ତ ପାଇଲଟମାନେ ଅନେକ ସମୟରେ ବଡ଼ ଧରଣର ଦୁର୍ଘଟଣାର କାରଣ ସାଜିଥାନ୍ତି କିମ୍ବା ଅଳ୍ପକେ ବର୍ତ୍ତି ଯାଇଥିବା ଘଟଣାଗୁଡ଼ିକରେ ସେମାନଙ୍କର ଭୂମିକା ରହିଥାଏ । ୟୁରୋପ ଏବଂ ଉତ୍ତର ଆମେରିକାରେ ଡ୍ୟୁଟି ସମୟ ସୀମିତ କରିବା ଏବଂ ବାଧ୍ୟତାମୂଳକ ବିଶ୍ରାମ ନିୟମ ଲାଗୁ ହେବା ପରେ କ୍ଲାନ୍ତିଜନିତ ଘଟଣାଗୁଡ଼ିକ ଯଥେଷ୍ଟ ହ୍ରାସ ପାଇଛି । ଏୟାର ଇଣ୍ଡିଆର ପରିଚାଳନାରେ ଡିଜିସିଏ ଅଡିଟ୍ ସମୟରେ ୫୧ଟି ସୁରକ୍ଷା ତ୍ରୁଟି ଚିହ୍ନଟ ହେବା ଏହି ବିଷୟର ଗମ୍ଭୀରତାକୁ ସୂଚିତ କରେ, ଯେଉଁଥିରେ କ୍ଲାନ୍ତି ଏକ ପ୍ରମୁଖ କାରଣ ହୋଇପାରେ ।

ବିମାନ ଇଞ୍ଜିନିୟରିଂରେ ଅଗ୍ରଗତି ଯୋଗୁଁ ଆଜିର ବିମାନଗୁଡ଼ିକ ଜଟିଳ ପରିବେଶରେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିଛି । କିନ୍ତୁ ମନେରଖିବାକୁ ହେବ ଯେ ମଣିଷ ଭୂମି ଉପରେ କାର୍ଯ୍ୟ କରିବା ପାଇଁ ବିବର୍ତ୍ତିତ ହୋଇଛି, ଆକାଶରେ ନୁହେଁ । ତେଣୁ, ନିୟମାବଳୀଗୁଡ଼ିକ ଏପରି ହେବା ଆବଶ୍ୟକ ଯାହା ମଣିଷକୁ ଉଡ଼ାଣ ସମୟରେ ସୃଷ୍ଟି ହେଉଥିବା ଅନନ୍ୟ ଚାପ ସହିତ ଖାପ ଖୁଆଇବାରେ ସାହାଯ୍ୟ କରିବ । କମ୍ ବାୟୁମଣ୍ଡଳୀୟ ଚାପ, ନିମ୍ନ ତାପମାତ୍ରା ଏବଂ ଶରୀର ଉପରେ ଗତିବେଗର ଶାରୀରିକ ପ୍ରଭାବ ପାଇଲଟମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ। ପାଇଲଟମାନେ ନିୟମିତ ଭାବରେ ବିଭିନ୍ନ 'ଟାଇମ୍ ଜୋନ୍' ଅତିକ୍ରମ କରି କାର୍ଯ୍ୟ କରନ୍ତି । ଅନେକ ସମୟରେ ସେମାନଙ୍କୁ ଭୋର ସମୟରେ କିମ୍ବା ସାରାରାତି ବିମାନ ଉଡ଼ାଇବାକୁ ପଡ଼ିଥାଏ । ଏହି ସମସ୍ତ କାର୍ଯ୍ୟ ଶରୀରର ଆଭ୍ୟନ୍ତରୀଣ 'ସର୍କାଡିଆନ୍ ରିଦମ୍' ବା ଜୈବିକ ଘଡ଼ିକୁ ଅସ୍ଥିର କରିଦିଏ । ଏହି ରିଦମ୍ ବାଧାପ୍ରାପ୍ତ ହେଲେ ମେଲାଟୋନିନ୍ ହରମୋନ୍ କ୍ଷରଣରେ ପରିବର୍ତ୍ତନ ଆସେ, ଯାହା ନିଦ୍ରାରେ ବିଳମ୍ବ ଘଟାଏ ଏବଂ କ୍ରମାଗତ ଭାବରେ ନିଦ୍ରାହୀନତା ବୃଦ୍ଧି କରେ । ଏହି ଶାରୀରିକ ପରିବର୍ତ୍ତନର ତୁରନ୍ତ ପ୍ରଭାବ ସ୍ୱରୂପ ପ୍ରତିକ୍ରିୟା ସମୟ ଧୀର ହୋଇଯାଏ, ସତର୍କତା କମିଯାଏ, ବିଚାର ଶକ୍ତି ଦୁର୍ବଳ ହୁଏ ଏବଂ ବ୍ୟକ୍ତି ବାରମ୍ବାର 'ମାଇକ୍ରୋସ୍ଲିପିଂ' (ଅଜାଣତରେ କିଛି ସେକେଣ୍ଡ ପାଇଁ ଶୋଇପଡିବା)ର ଶିକାର ହୁଏ । ଏହା ସହିତ ଚିଡ଼ିଚିଡ଼ା ସ୍ୱଭାବ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ଅସୁବିଧା ଦେଖାଦିଏ । କକ୍ପିଟ୍ ଭିତରର ଶୁଷ୍କ ବାୟୁ, ଜଳୀୟ ଅଂଶର ଅଭାବ (ଡିହାଇଡ୍ରେସନ୍), କମ୍ପନ ଏବଂ ଶବ୍ଦ ମଧ୍ୟ ମାନସିକ କ୍ଲାନ୍ତିକୁ ଆହୁରି ତୀବ୍ର କରିଥାଏ । ଗବେଷଣାରୁ ଜଣାପଡ଼ିଛି ଯେ ଦୀର୍ଘକାଳୀନ ସର୍କାଡିଆନ୍ ଅସନ୍ତୁଳନ ଉଚ୍ଚ ରକ୍ତଚାପ, ମେଟାବୋଲିକ୍ ବା ପାଚନ ପ୍ରକ୍ରିୟାରେ ବ୍ୟାଘାତ, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ, ମାନସିକ ରୋଗର ଆଶଙ୍କା ଏବଂ ହୃଦରୋଗର କାରଣ ହୋଇପାରେ । ଦୀର୍ଘ ସମୟର ଉଡ଼ାଣ ଯୋଗୁଁ ହେଉଥିବା 'ଜେଟ୍ ଲାଗ୍' ଏବଂ ଅନିୟମିତ ଖାଦ୍ୟପେୟ ଶରୀରର କାର୍ଯ୍ୟକାରିତାକୁ ନଷ୍ଟ କରେ । ଏକ ସଙ୍କୁଚିତ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଦ୍ୱାରା ମାଂସପେଶୀ ଜନିତ ସମସ୍ୟା ମଧ୍ୟ ସୃଷ୍ଟି ହୁଏ । ଏହି ସମସ୍ତ ଚାପ ଏକାଠି ହେଲେ ଉଡ଼ାଣ ସମୟରେ ତ୍ରୁଟି ହେବାର ସମ୍ଭାବନା ଯଥେଷ୍ଟ ବଢିଯାଏ, ଯାହା ବିଶ୍ୱସ୍ତରୀୟ ବିମାନ ଦୁର୍ଘଟଣା ତଦନ୍ତରେ ବାରମ୍ବାର ପ୍ରମାଣିତ ହୋଇଛି । ଯଦିଓ କ୍ଲାନ୍ତି ନିୟମାବଳୀ ଦ୍ୱାରା ପାଇଲଟମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଥିବା ଗୋଷ୍ଠୀ ଭାବରେ ଦେଖାଯାଉଛନ୍ତି, କିନ୍ତୁ ଏହି ବୃତ୍ତିଗତ ବିପଦ କେବଳ ବିମାନ ଶିଳ୍ପରେ ସୀମିତ ନୁହେଁ । ଡାକ୍ତରଖାନା, ରେଳବାଇ, ଟ୍ରକ ଚାଳନା, ପୋଲିସ ବିଭାଗ, ବିପିଓ ଏବଂ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିମାନେ ମଧ୍ୟ ସେହି ସମୟରେ କାମ କରନ୍ତି ଯେତେବେଳେ ମାନବ ଶରୀରର ସତର୍କତା ସ୍ୱାଭାବିକ ଭାବରେ କମିଯାଏ । ରାତି ସମୟରେ ଶାରୀରିକ ଶ୍ରମ କରିବା ଦ୍ୱାରା ମେଟାବୋଲିକ୍ ସିଣ୍ଡ୍ରୋମ, ଅବସାଦ, ହୃଦରୋଗ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିବା ଭଳି ସମସ୍ୟା ଦେଖାଦିଏ । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଏହି ଅନ୍ୟ କ୍ଷେତ୍ରଗୁଡ଼ିକରେ କ୍ଲାନ୍ତିଜନିତ ବିପଦର ପରିଚାଳନା ଏବେ ମଧ୍ୟ ଅବ୍ୟବସ୍ଥିତ ଏବଂ ଏଥିପାଇଁ କଡ଼ା ନିୟମର ଅଭାବ ରହିଛି ।

ଡିଜିସିଏର ଏହି ନୂତନ ନିୟମାବଳୀ ଅତ୍ୟନ୍ତ ପ୍ରଶଂସନୀୟ କାରଣ ଏହା ମାନବ ଶରୀରତତ୍ତ୍ୱ ଏବଂ ଏହାର ସୀମାକୁ ବିମାନ ନୀତିର କେନ୍ଦ୍ରବିନ୍ଦୁରେ ସ୍ଥାନିତ କରିଛି । ବାଣିଜ୍ୟିକ ଲାଭ ଅପେକ୍ଷା ମାନବ ଜୀବନର ମୂଲ୍ୟ ଏବଂ ଜୈବିକ ଆବଶ୍ୟକତାକୁ ପ୍ରାଥମିକତା ଦେବା ଏକ ସୁସ୍ଥ ଓ ସୁରକ୍ଷିତ ବିମାନ ପରିଚାଳନା ବ୍ୟବସ୍ଥାର ଲକ୍ଷଣ । ଏହି ନିୟମଗୁଡ଼ିକର କଡ଼ାକଡ଼ି ପାଳନ କେବଳ ପାଇଲଟମାନଙ୍କ ସ୍ୱାସ୍ଥ୍ୟ ପାଇଁ ନୁହେଁ, ବରଂ ପ୍ରତ୍ୟେକ ବିମାନ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ପାଇଁ ଏକାନ୍ତ ଅପରିହାର୍ଯ୍ୟ ।

# ଦକ୍ଷିଣ ଆଫ୍ରିକାରୁ ବିଶ୍ୱକୁ ସନ୍ଦେଶ (୧)

## ସୌମେନ୍ଦ୍ର ଜେନା

ଚଳିତବର୍ଷ ଜି୨୦ ରାଷ୍ଟ୍ର ସମୂହର ୨୦ତମ ଶିଖର ବୈଠକ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ୨୨-୨୩ ନଭେମ୍ବର ୨୦୨୫ରେ ଅନୁଷ୍ଠିତ ଏହି ବୈଠକରେ ଏହାର ସଦସ୍ୟରାଷ୍ଟ୍ର ଏବଂ ନିମନ୍ତ୍ରିତ ରାଷ୍ଟ୍ରଗୁଡିକର ନେତାମାନେ ଅଂଶଗ୍ରହଣ କରିଥିଲେ । ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ବେଇଜତି ହେବାର ଭୟରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ବର୍ଣ୍ଣବୈଷମ୍ୟ ଘୃଣା ଓ ହିଂସାର ଅଭିଯୋଗ ଆଣି ବୈଠକରେ ଯୋଗଦାନ କରିନଥିଲେ । ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ଅସୁବିଧା ଯୋଗୁ ଏହି ବୈଠକରେ ଯୋଗଦାନ କରିନଥିଲେ ମଧ୍ୟ ସେମାନଙ୍କ ପ୍ରତିନିଧି ଭାବେ ରାଷ୍ଟ୍ରର ଉପନେତାଙ୍କୁ ପଠାଇଥିଲେ । ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ଏହି ବୈଠକରେ ଅଧକ୍ଷତା କରିଥିଲେ । ୨୪ ନଭେମ୍ବର ଦିନ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ୩୦ ନଭେମ୍ବର ୨୦୨୫ ଯାଏଁ ଦକ୍ଷିଣ ଆଫ୍ରିକା ହାତରେ ଜି୨୦ର ଅଧକ୍ଷ ଦାୟିତ୍ୱ ରହିଥିଲା ବେଳେ ପରବର୍ତ୍ତୀ କାଳରେ ତାହା ଆମେରିକା ହାତକୁ ଯିବ । ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଂଶଗ୍ରହଣ କରିଥିଲେ ।

ଜି୨୦ ସଦସ୍ୟ ରାଷ୍ଟ୍ର ଭାବେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଆମେରିକା, ବ୍ରିଟେନ, ୟୁରୋପୀୟ ସଂଘ, ଆଫ୍ରିକୀୟ ସଂଘ ଆଦି ରହିଛନ୍ତି । ଜି୨୦ର ଅଧକ୍ଷ ରାଷ୍ଟ୍ରକୁ ଏହାର ଶିଖର ବୈଠକ ଆୟୋଜନ କ୍ଷମତା ଦିଆଯାଇଥାଏ । ଜି୨୦ରେ ସମାନ୍ତରାଳ ଭାବେ ଦୁଇଟି ଗୋଷ୍ଠୀର କାର୍ଯ୍ୟ ଚାଲିଥାଏ । ଗୋଟିଏ ହେଲା ଆର୍ଥିକ ଧାରା , ଅନ୍ୟଟି ସେର୍ପାଧାରା । ଆର୍ଥିକ ଧାରାର ଆଲୋଚନାରେ ସଦସ୍ୟ ରାଷ୍ଟ୍ର ସମୂହର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣରମାନେ ଥିଲାବେଳେ ସେର୍ପା ଧାରାର ଆଲୋଚନାରେ ରାଷ୍ଟ୍ରମୁଖ୍ୟମାନଙ୍କ ପ୍ରତିନିଧି ରହିଛନ୍ତି । ଆର୍ଥିକ ଗୋଷ୍ଠୀର ଆଲୋଚନା ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ହୋଇଥାଏ । ଏହି ଗୋଷ୍ଠୀର ଆଲୋଚନା ନିୟମିତ ଭାବେ ଅଧକ୍ଷ ବଦଳିବା ସହ ସଂପୃକ୍ତ ରାଷ୍ଟ୍ରରେ ହୋଇଥାଏ । ସେର୍ପାଙ୍କ ବୈଠକରେ ତତ୍କାଳୀନ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଆଲୋଚନାରେ ସ୍ଥାନ ପାଇଥାଏ, ଯେଉଁଥିରେ ସଦସ୍ୟ ରାଷ୍ଟ୍ରଗୁଡିକ ନିଜର ଆଭିମୁଖ୍ୟ ପ୍ରକାଶ କରିଥାନ୍ତି । ଏହାଛଡା ଅନ୍ୟ ଗୋଷ୍ଠୀଗତ ଆଲୋଚନାରେ ସିଭିଲ ସୋସାଇଟୀ, ସାଂସଦ, ବୁଦ୍ଧିଜୀବୀ, ମହିଳା, ଯୁବଗୋଷ୍ଠୀ, ଶ୍ରମିକ, ବ୍ୟବସାୟୀ, ଗବେଷକଗଣ ଜି୨୦ ରାଷ୍ଟ୍ରଗୁଡିକରୁ ଯୋଗଦାନ କରିଥାନ୍ତି । ଏମାନଙ୍କର ବୈଠକ ଭିନ୍ନ ଭିନ୍ନ ଗୋଷ୍ଠୀର ଭିନ୍ନ ଭିନ୍ନ ସମୟରେ ଆୟୋଜିତ ହୋଇଥାଏ । ଜି୨୦ର କୌଣସି ସ୍ଥାୟୀ ସଚିବାଳୟ ଖୋଲାଯାଇ ନାହିଁ । ଏହା ସବୁବେଳେ ତ୍ରିଶକ୍ତିକୁ ନେଇ କାର୍ଯ୍ୟକରେ । ପୂର୍ବ ଅଧକ୍ଷ ରାଷ୍ଟ୍ର, ଅଧକ୍ଷ ରାଷ୍ଟ୍ର ଏବଂ ପରବର୍ତ୍ତୀ ଅଧକ୍ଷ ରାଷ୍ଟ୍ରର ତ୍ରିଶକ୍ତି ଜି୨୦କୁ ଆଗକୁ ନେଇଥାନ୍ତି । ଜି୨୦ର ଅଧକ୍ଷ ୧ ଡିସେମ୍ବରରୁ ପରବର୍ତ୍ତୀ ବର୍ଷ ୩୦ ନଭେମ୍ବର ପର୍ଯ୍ୟନ୍ତ ଦାୟିତ୍ୱ ହାତରେ ରଖିଥାନ୍ତି । ଜି୨୦ର ଅଧକ୍ଷ ବିଶ୍ୱର ଅନେକଗୁଡିଏ ସମସ୍ୟା ଏବଂ ତତ୍କାଳିକ ବିଷୟଗୁଡିକ ଯେପରି ଜଳବାୟୁ ପରିବର୍ତ୍ତନ, ଅସମାନତା, ଦାରିଦ୍ର୍ୟ, ଅନାହାର, ବେରୋଜଗାରୀ, ଟେକ୍ନୋଲୋଜୀ ଯୋଗୁ ପରିବର୍ତ୍ତନ, ବିଶ୍ୱର ଅସ୍ଥିରତା ପରି ଅନେକଗୁଡିଏ ବିଷୟକୁ ଆଲୋଚନାରେ ପ୍ରାଧାନ୍ୟ ଦେଇଥାନ୍ତି । ଜାତିସଂଘର ଲକ୍ଷ୍ୟ ଅନୁଯାୟୀ ଜି୨୦ର ଅଧକ୍ଷ ବିକାଶମୁଖୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରୟାସ କରିଥାନ୍ତି । ୨୦୨୫ ପାଇଁ ଜି୨୦ର ବିଷୟ ଥିଲା ଏକତା ସମାନତା ଓ ନିରନ୍ତର ବିକାଶ । ଜୋହାନ୍ସବର୍ଗର ଏକ୍ସପୋ ସେଣ୍ଟରଠାରେ ଅନୁଷ୍ଠିତ ଏହି ଶିଖର ବୈଠକରେ ଯେଉଁ ସବୁ ନିମନ୍ତ୍ରିତ ରାଷ୍ଟ୍ର ଯୋଗଦାନ କରିଥିଲେ ସେମାନେ ହେଲେ ଅଲଜେରିଆ, ଇଜିପଟ୍, ଇଥିଓପିଆ, ଫିନଲାଣ୍ଡ, ଆୟର୍ଲାଣ୍ଡ, ଜାମାଇକା, ମାଲେସିଆ, ନାମିବିଆ, ନେଦରଲାଣ୍ଡ, ନାଇଜେରିଆ, ନରୱେ, କାତାର, ସିଓରାଲିଓନ୍, ସିଙ୍ଗାପୁର, ସ୍ପେନ, ୟୁନାଇଟେଡ୍ ଆରବ ଏମିରେଟସ, ଭିଏତନାମ, ଜିମ୍ବାୱେ । ଏହାଛଡା ଏହାର ସଦସ୍ୟ ରାଷ୍ଟ୍ର ସମୂହ ହେଲେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ।

ଦକ୍ଷିଣ ଆଫ୍ରିକା ଜି୨୦ର ଅଧକ୍ଷ ଦାୟିତ୍ୱ ନେବାପରେ ଯେଉଁ ସବୁ ବିଷୟକୁ ଆଲୋଚନା ପାଇଁ ଗୁରୁତ୍ୱ ଦେଇଥିଲା, ସେଗୁଡିକ ହେଉଛି ବିପର୍ଯ୍ୟୟର ପ୍ରତିରୋଧ, ଋଣରୁ ମୁକ୍ତି, ପାରମ୍ପାରିକ ଶକ୍ତି ଉତ୍ସ ପାଇଁ ସହାୟତା, ଅତ୍ୟାବଶ୍ୟକ ମୂଲ୍ୟବାନ ଖଣିଜ ପଦାର୍ଥ ଇତ୍ୟାଦି । ଏହାବାଦ ଆର୍ଥିକ ବିକାଶ, ଶିଳ୍ପବିକାଶ, ରୋଜଗାର, ଅସମାନତା ହ୍ରାସ, ଖାଦ୍ୟ ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ଗବେଷଣା ଏବଂ ନିରନ୍ତର ବିକାଶ । ଚଳିତ ବର୍ଷର ଶିଖର ବୈଠକରେ ଯେଉଁସବୁ ପ୍ରମୁଖ ନେତୃବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଆର୍ଜେଣ୍ଟିନାର ବିଦେଶମନ୍ତ୍ରୀ ପାବ୍ଲୋ କ୍ୱିରନୋ,ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଏନ୍ଥୋନୀ ଅଲବାନିସ୍ ବ୍ରାଜିଲ ରାଷ୍ଟ୍ରପତି ଲୁଇସ ଇନାସିଓ ଦା ସିଲ୍ଭା, କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି, ଚୀନର ପ୍ରଧାନମନ୍ତ୍ରୀ ଲି କ୍ୱିଆଙ୍ଗ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଜର୍ମାନୀର ଚାନସେଲର ଫ୍ରେଡେରିକ ମର୍ଜ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇଣ୍ଡୋନେସିଆର ଉପରାଷ୍ଟ୍ରପତି ଜିହାନ ରାକାବୁମିଙ୍ଗ ରାକା, ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଜାପାନର ପ୍ରଧାନମନ୍ତ୍ରୀ ସାନାଇ ତାକାଇଚି, ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜାଇ ମୁଙ୍ଗ, ମେକ୍ସିକୋର ଅର୍ଥସଚିବ ଏଡଗାର ଆମା ଦୋର, ଜାମୋରା, ରୁଷିଆର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଉପସଚିବ ମାକ୍ସିମ୍ ଓରେସ୍କିନ୍, ସାଉଦି ଆରବର ବିଦେଶମନ୍ତ୍ରୀ ଫୈସଲ ବିନ୍ ଫରହାନ ଅଲ ସାଉଦ, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା, ତୁର୍କୀର ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ, ବ୍ରିଟେନର ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମର, ୟୁରୋପୀୟ ସଂଘର ଅଧକ୍ଷ ଉର୍ସୁଲା ଭନ ଦେର ଲେୟେନ୍, ୟୁରୋପୀୟ କାଉନସିଲ ଅଧକ୍ଷ ଆଣ୍ଟୋନିଓ କୋଷ୍ଟା, ଆଫ୍ରିକା ୟୁନିଅନର ଅଧକ୍ଷ ଜୋଆଓ ଲୌରେଙ୍କୋ ପ୍ରମୁଖ । କିନ୍ତୁ ଆମେରିକା,ଚୀନ, ରୁଷିଆ, ମେକ୍ସିକୋ ପ୍ରମୁଖ ରାଷ୍ଟ୍ରଗୁଡିକର ନେତୃବୃନ୍ଦଙ୍କ ସମେତ ପ୍ରାୟ ୩୦ପ୍ରତିଶତ ସଦସ୍ୟରାଷ୍ଟ୍ରର ମୁଖ୍ୟମାନେ ଏହି ଆଲୋଚନାର ବାହାରେ ରହିବା ଘଟଣାକୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁୟଲ ମାକ୍ରୋନ ସମାଲୋଚନା କରିଥିଲେ । ଭବିଷ୍ୟତରେ ଏହା ସଂଗଠନର ଗୁରୁତ୍ୱକୁ ହ୍ରାସ କରିପାରେ ବୋଲି ସତର୍କ କରାଇ ଦେଇଥିଲେ । କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଆମେରିକାର ଅନୁପସ୍ଥିତିକୁ ସମାଲୋଚନା କରି କହିଥିଲେ ଯେ ଆମେରିକାକୁ ବାଦଦେଇ ମଧ୍ୟ ପୃଥିବୀ ଆଗକୁ ଯାଇପାରେ । ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ରାଷ୍ଟ୍ର, ବିଶ୍ୱ ଜିଡିପିର ଦୁଇ ତୃତୀୟାଂଶ, ବିଶ୍ୱବାଣିଜ୍ୟର ତିନି ଚତୁର୍ଥାଂଶ ଏଥିରେ ସାମିଲ ହୋଇଛନ୍ତି ।

ନିମନ୍ତ୍ରିତ ନେତୃବୃନ୍ଦଙ୍କ ମଧ୍ୟରେ ଆଲଜେରିଆର ପ୍ରଧାନମନ୍ତ୍ରୀ ସିଫି ଗ୍ରିଏବ, ଇଜିପଟ୍‌ର ପ୍ରଧାନମନ୍ତ୍ରୀ ମୋସ୍ତାଫା ମାଡବୌଲୀ, ଇଥିଓପିଆର ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ,ଫିନଲାଣ୍ଡର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ, ଆୟର୍ଲାଣ୍ଡର ମାଇକେଲ ମାର୍ଟିନ,ଜାମାଇକାର ପ୍ରଧାନମନ୍ତ୍ରୀ ଆଣ୍ଡ୍ରିଉ ହୋଲନେସ୍, ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ, ନାମିବିଆର ରାଷ୍ଟ୍ରପତି ନେତୁମ୍ବୋ ନନ୍ଦି -ଏନଦାୟିତ୍ୱା, ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ଡିକ୍ ସ୍କୁଫ୍, ନାଇଜେରିଆର ଉପରାଷ୍ଟ୍ରପତି କାସିମ୍ ସେଟ୍ଟିମା, ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗୈର ଷ୍ଟୋର, କାତାର ଅମିର ତମିମ୍ ବିନ ଅହମ୍ମଦ ଅଲଥାନୀ, ସିଓରାଲିଓନର ରାଷ୍ଟ୍ରପତି ଜୁଲିଅସ୍ ମାଡା ବିଓ, ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ, ସ୍ପେନର ପ୍ରଧାନମନ୍ତ୍ରୀ ପୋଡ୍ରୋ ସାଞ୍ଚେଜ୍, ୟୁଏଇର କ୍ରାଉନପ୍ରିନ୍ସ ଖାଲେଦ ବିନ ମହମଦ ଅଲ ନ୍ୟହାନ, ଭିଏତନାମ ପ୍ରଧାନମନ୍ତ୍ରୀ ଫାମ୍ ମିନ୍ ଚୀନ, ଜିମ୍ବାୱେ ରାଷ୍ଟ୍ରପତି ଇମର୍ସନ ମାଙ୍ଗାଗ୍ୱା ପ୍ରମୁଖ ରହିଥିଲେ । ଆନୁଷ୍ଠାନିକ ନେତୃବୃନ୍ଦଙ୍କ ମଧ୍ୟରେ ଆଫ୍ରିକୀୟ ମୁକ୍ତବାଣିଜ୍ୟ କ୍ଷେତ୍ରର ସେକ୍ରେଟାରୀ ଜେନେରାଲ ୱାମକେଲେ ମେନେ, ଆଫ୍ରିକୀୟ ବିକାଶ ବ୍ୟାଙ୍କର ଅଧକ୍ଷ ଆକିନୱୁମି ଅଦେସିନା, ପୂର୍ବ ଆଫ୍ରିକୀୟ ରାଷ୍ଟ୍ରର ସେକ୍ରେଟାରୀ ଜେନେରାଲ ଭେରୋନିକା ନ୍ଦୁଭା, କେନ୍ଦ୍ରୀୟ ଆଫ୍ରିକୀୟ ରାଷ୍ଟ୍ର ସମୂହର କମିଶନ ଅଧକ୍ଷ ଇର୍ଜେଚଏଲ ନିବିଗିରା, ଆର୍ଥିକ ସ୍ଥିରତା ବୋର୍ଡର କ୍ଲାସ କ୍ନଟ, ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ନିର୍ଦ୍ଦେଶକ କ୍ୟୁ ଡଙ୍ଗୟୁ, ବିଶ୍ୱ ଶ୍ରମିକ ସଂଗଠନର ନିର୍ଦ୍ଦେଶକ ଗିଲବର୍ଗ ହୌଙ୍ଗବୋ, ବିଶ୍ୱ ମୁଦ୍ରାପାଣ୍ଠିର ପରିଚାଳନା ଅଧକ୍ଷା କ୍ରିଷ୍ଟିନା ଜର୍ଜିଓଭା, ବିଶ୍ୱ ଟେଲିକମ୍ୟୁନିକେଶନ ୟୁନିଅନର ସେକ୍ରେଟାରୀ ଜେନେରାଲ ଡୋରିନ ବୋଗାଦାନ-ମାର୍ଟିନ, ନିଉ ଡେଭଲପମେଣ୍ଟ ବ୍ୟାଙ୍କର ଅଧକ୍ଷା ଦିଲମା ରୌସେଫ, ଜାତିସଂଘର ସେକ୍ରେଟାରୀ ଜେନେରାଲ ଆଣ୍ଟୋନିଓ ଗୁଟେରସ, ବିଶ୍ୱବ୍ୟାଙ୍କ ଅଧକ୍ଷ ଅଜୟ ବାଙ୍ଗରା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶକ ଟେଡ୍ରୋସ ଅଧୋନାମ ଘେବ୍ରେୟେସୁସ୍, ବିଶ୍ୱ ବାଣିଜ୍ୟ ସଂଗଠନର ନିର୍ଦ୍ଦେଶିକା ଏନଗୋଜି ଓକୋଞ୍ଜୋ-ଇୱେଅଲା ପ୍ରମୁଖ ରହିଥିଲେ ।


ଭାରତୀୟ ସାହିତ୍ୟ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


# ମାନବାଧିକାର ଦିବସ

## ସୌଭାଗ୍ୟ ରଂଜନ ମହାନ୍ତି



ମର୍ଯ୍ୟାଦା ଏବଂ ନ୍ୟାୟର ସାର୍ବଜନୀନ ପ୍ରତିଶ୍ରୁତିକୁ ପୁନଃସ୍ଥାପନ କରିବା ପ୍ରତିବର୍ଷ ଡିସେମ୍ବର ୧୦ତାରିଖରେ, ବିଶ୍ୱ ମାନବାଧିକାର ଦିବସ ପାଳନ କରେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଅନ୍ତର୍ନିହିତ ମର୍ଯ୍ୟଦା, ସମାନତା ଏବଂ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ମାନବତାର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବାର ଏକ ମୁହୂର୍ତ୍ତ। ଏହି ତାରିଖଟି ୧୯୪୮ ମସିହାରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ମାନବାଧିକାରର ସାର୍ବଜନୀନ ଘୋଷଣାନାମା (**UDHR**) ଗ୍ରହଣ କରିବାର ଚିହ୍ନିତ କରେ, ଯାହା ଏକ କାର୍ଯ୍ୟ ବିଧ୍ୱଂସକାରୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱ ନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିଥିଲା। ଛଅଶହ ବର୍ଷ ପରେ, **UDHR** ଏକ ମାର୍ଗଦର୍ଶକ ଆଲୋକବର୍ତ୍ତିକା ଭାବରେ ରହିଆସିଛି, ତଥାପି ବିଶ୍ୱ ଦାରିଦ୍ର୍ୟ ଏବଂ ସଂଘର୍ଷଠାରୁ ଆରମ୍ଭ କରି ଡିଜିଟାଲ ନିରୀକ୍ଷଣ ଏବଂ ଜଳବାୟୁ ଅନ୍ୟାୟ ପର୍ଯ୍ୟନ୍ତ ପୁରୁଣା ଏବଂ ନୂତନ ମାନବାଧିକାର ଚ୍ୟାଲେଞ୍ଜ ସହିତ ସଂଘର୍ଷ କରିଚାଲିଛି। ରାଷ୍ଟ୍ରଗୁଡିକ ମାନବାଧିକାର ଦିବସ ପାଳନ କରିବା ସମୟରେ, ଏହା ଅତ୍ୟାବଶ୍ୟକ ହୋଇପଡେ। ବିଶେଷକରି ଭାରତ ଭଳି ଗଣତାନ୍ତ୍ରିକ ପରିପକ୍ୱତା ପାଇଁ ଆକାଂକ୍ଷୀ ପୂରଣ କରିବା ପାଇଁ ପଥ ଚିହ୍ନଟ କରିବା।

ମାନବାଧିକାର : ସାର୍ବଜନୀନ ନୀତିଶାସ୍ତ୍ର ମାନବାଧିକାର କେବଳ ଆଇନଗତ ଗ୍ୟାରେଂଟି ନୁହେଁ, ଏଗୁଡିକ ମାନବକୁ ନିଜ ଭିତରେ ଲକ୍ଷ୍ୟ ଭାବରେ ଚିହ୍ନଟ କରିବାରେ ମୂଳ ନୀତିଗତ ନୀତି। ଟଉଏଜର ୩୦ଟି ଧାରା ନାଗରିକ, ରାଜନୈତିକ, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାରକୁ ସ୍ପଷ୍ଟ କରେ। ଜୀବନ ଏବଂ ସ୍ୱାଧୀନତାର ଅଧିକାର ଠାରୁ ଆରମ୍ଭ କରି କାମ, ଶିକ୍ଷା ଏବଂ ସାଂସ୍କୃତିକ ଅଂଶଗ୍ରହଣର ଅଧିକାର ପର୍ଯ୍ୟନ୍ତ। **UDHR**କୁ ବିପ୍ଳବୀ କରୁଥିବା ବିଷୟ ହେଉଛି ଏହାର ସାର୍ବଜନୀନତା। ଏହା ଦାବି କରେ ଯେ ମାନବାଧିକାର ରାଷ୍ଟ୍ରର ଉପହାର ନୁହେଁ ବରଂ ଜାତି, ଜାତୀୟତା, ଲିଙ୍ଗ, ଶ୍ରେଣୀ କିମ୍ବା ବିଶ୍ୱାସ ନିର୍ବିଶେଷରେ ପ୍ରତ୍ୟେକ ମଣିଷ ପାଇଁ ଆନ୍ତରିକ। ଏହି ସାର୍ବଜନୀନତା ଦଲିଲକୁ ମାନବ ଇତିହାସରେ ସର୍ବାଧିକ ଅନୁବାଦିତ ପାଠ୍ୟ କରିଛି, ଯାହା ବିଶ୍ୱବ୍ୟାପୀ ସମ୍ବିଧାନ, ଅନ୍ତର୍ଜାତୀୟ ଚୁକ୍ତି ଏବଂ ଜାତୀୟ ଆଇନକୁ ପ୍ରଭାବିତ କରିଛି। ତଥାପି ସାର୍ବଜନୀନତାର ଅର୍ଥ ସମାନତା ନୁହେଁ। ସମାଜ ପ୍ରସଙ୍ଗ, ଇତିହାସ ଏବଂ କ୍ଷମତାରେ ଭିନ୍ନ। ପ୍ରକୃତ ଚ୍ୟାଲେଞ୍ଜ ହେଉଛି ସାର୍ବଜନୀନ ନୀତିଗୁଡିକ ସ୍ଥାନୀୟ ବାସ୍ତବତା ସହିତ ସନ୍ତୁଳିତ କରିବା। ଏକ ସନ୍ତୁଳନ ଯାହାକୁ ଭାରତ ସମେତ ଅନେକ ରାଷ୍ଟ୍ର ନିରନ୍ତର ହାସଲ କରିବାକୁ ଚେଷ୍ଟା କରନ୍ତି। ସମସାମୟିକ ବିଶ୍ୱ ପ୍ରସଙ୍ଗରେ ମାନବାଧିକାର ନିରନ୍ତର ସଂଘର୍ଷ ଏବଂ ମାନସିକ ସଙ୍କଟ ଗାଜା ଏବଂ ୟେମେନରୁ ୟୁକ୍ରେନ୍ ଏବଂ ସୁଡାନ ପର୍ଯ୍ୟନ୍ତ, ସଶସ୍ତ୍ର ସଂଘର୍ଷ ବହୁଳ ବିସ୍ଥାପନ, ସାଧାରଣ ନାଗରିକଙ୍କ ମୃତ୍ୟୁ ଏବଂ ଅନ୍ତର୍ଜାତୀୟ ମାନବିକ ଆଇନର କ୍ରମାଗତ ଉଲ୍ଲଂଘନ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ବିଶ୍ୱ ସର୍ବାଧିକ ସଂଖ୍ୟାକ ବିସ୍ଥାପିତ ଲୋକଙ୍କ ସମ୍ମୁଖୀନ ହେଉଛି, ଯାହା ସାମୂହିକ ଦାୟିତ୍ୱ ଏବଂ ବିଶ୍ୱ ଶାସନ ପ୍ରତିଷ୍ଠାନର ପ୍ରଭାବଶୀଳତା ଉପରେ ପ୍ରଶ୍ନ ଉଠାଇଛି। ଏକାଧିକ ସ୍ୱେଚ୍ଛାଚାରିତା ଏବଂ ଗଣତାନ୍ତ୍ରୀକ ପଛଘୁଂଚାର ଉତଥାନ ଅନେକ ଦେଶ ଗଣତାନ୍ତ୍ରିକ ସ୍ଥାନ ସଙ୍କୁଚିତ ହେବା, ମୁକ୍ତ ପ୍ରେସ୍ ଉପରେ ପ୍ରତିବନ୍ଧକ ଏବଂ ନାଗରିକ ସମାଜର ଦମନ ଦେଖିଛନ୍ତି। ଡିଜିଟାଲ ନିରୀକ୍ଷଣ, ମନମୁଖୀ ଅଟକ ଏବଂ ଭିନ୍ନମତବାଦୀଙ୍କ ଉପରେ ଆକ୍ରମଣ ଆଧୁନିକ ସ୍ୱେଚ୍ଛାଚାରିତାର ଉପକରଣ ପାଲଟିଛି। ତେଣୁ ମାନବାଧିକାର ଦିବସ କେବଳ ସ୍ମାରକୀ ନୁହେଁ ବରଂ ବିରୋଧାତ୍ମକ ହୋଇଯାଏ। ଗଣତନ୍ତ୍ର ମୂଳ ସ୍ତମ୍ଭଗୁଡିକୁ ସୁରକ୍ଷା ଦେବାର ଆବଶ୍ୟକତାକୁ ସ୍ମରଣ କରାଏ। ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶଗତ ଅନ୍ୟାୟ ଜଳବାୟୁ ପରିବର୍ତ୍ତନ କ୍ରମଶଃ ଏକ ମାନବାଧିକାର ସଙ୍କଟ ଭାବରେ ସ୍ୱୀକୃତି ପାଉଚି। ସମୁଦ୍ର ସ୍ତର ବୃଦ୍ଧି, ଅତି ପାଣିପାଗ ଘଟଣା ଏବଂ ପରିବେଶଗତ ଅବନତି ଅସମାନୁଷିତ ଭାବରେ ଦୁର୍ବଳ ସମ୍ପ୍ରଦାୟ- ଜନଜାତି ଗୋଷ୍ଠୀ, ଉପକୂଳବର୍ତ୍ତୀ ଜନସଂଖ୍ୟା ଏବଂ ବିଶ୍ୱ ଗରିବଙ୍କୁ ପ୍ରଭାବିତ କରେ। ତେଣୁ ଜଳବାୟୁ ନ୍ୟାୟ ମାନବାଧିକାର ଆଲୋଚନାର ଏକ ମୁଖ୍ୟ ଉପାଦାନ ଭାବରେ ଉଭା ହୋଇଛି। ଅସମାନତା ଏବଂ ଆର୍ଥିକ ଅନ୍ୟାୟ ବିଶ୍ୱ ଆର୍ଥିକ ଅଭିବୃଦ୍ଧି ସତ୍ତ୍ୱେ, ସମ୍ପତି କେନ୍ଦ୍ରୀକରଣ ତୀବ୍ର ହୋଇଛି। ଲକ୍ଷ ଲକ୍ଷ ଲୋକ ସ୍ୱାସ୍ଥ୍ୟ, ଖାଦ୍ୟ , ପରିମଳ ଏବଂ ଶିକ୍ଷା ଭଳି ମୌଳିକ ଆବଶ୍ୟକତାରୁ ବଂଚିତ ଅଛନ୍ତି। କୋଭିଡ-୧୯ ମହାମାରୀ ଏହି ଅସମାନତାକୁ ପ୍ରକାଶ ଏବଂ ତୀବ୍ର କରିଛି, ବିଶ୍ୱକୁ ମନେ ପକାଇ ଦେଇଛି ଯେ ଆର୍ଥିକ ଅଧିକାର ନାଗରିକ ଏବଂ ରାଜନୈତିକ ସ୍ୱାଧୀନତା ପରି ଗୁରୁତ୍ୱପୂର୍ଣ୍ଣ। ଡିଜିଟାଲ ଫ୍ରଂଟିୟର କୃତ୍ରିମ ବୁଦ୍ଧିମତା, ତଥ୍ୟ ସଂଗ୍ରହ ମୁଖମଣ୍ଡଳ ଚିହ୍ନଟକରଣ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ପ୍ରଭାବ କାର୍ଯ୍ୟ ଗୋପନୀୟତା, ସ୍ୱାୟତତା ଏବଂ ମାନସିକ ସୁସ୍ଥତା ପାଇଁ ଅଭୂତପୂର୍ବ ବିପଦ ସୃଷ୍ଟି କରେ। ୨୧ ଶତାବ୍ଦୀର ଚ୍ୟାଲେଞ୍ଜ ହେଉଛି ଯେ ପ୍ରଯୁକ୍ତିବିଦ୍ୟା ପ୍ରଗତି ମାନବ ମର୍ଯ୍ୟାଦାର ମୂଲ୍ୟରେ ନଆସିବ ତାହା ନିଶ୍ଚିତ କରିବା। ମାନବାଧିକାର ଦିବସ ଏବଂ ଭାରତ ଏକ ସାମ୍ବିଧାନିକ ପ୍ରତିବଦ୍ଧତା ଭାରତ ବିଶ୍ୱ ମାନବାଧିକାର ଢାଂଚା ଗଠନରେ ଏକ ସକ୍ରିୟ ଅଂଶଗ୍ରହଣକାରୀ ହୋଇଛି। ହିଂସା ମେହେଟାଙ୍କ ସମେତ ଭାରତୀୟ ପ୍ରତିନିଧିମାନେ ଟଉଏଜ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମେହେତା ପ୍ରସିଦ୍ଧ ଭାବରେ ନିଶ୍ଚିତ କରିଥିଲେ ଯେ ଧାରା ୧ ରେ ସମସ୍ତ ପୁରୁଷ ବାକ୍ୟାଂଶକୁ ସମସ୍ତ ମଣିଷ ସହିତ ବଦଳାଯାଇଥିଲା। ଭାରତୀୟ ସାମ୍ବିଧାନିକ ଦୃଷ୍ଟିକୋଣ ଟଉଏଜର ଦୁଇବର୍ଷ ପରେ ଗୃହୀତ ଭାରତୀୟ ସମ୍ବିଧାନ, ଏହାର ଆତ୍ମା ମଧ୍ୟରେ ମାନବାଧିକାରକୁ ସନ୍ନିହିତ କରେ ମୌଳିକ ଅଧିକାର (ଭାଗ -**III**) ସମାନତା ବାକ୍ ସ୍ୱାଧୀନତା, ଶୋଷଣରୁ ସୁରକ୍ଷା, ଧାର୍ମିକ ସ୍ୱାଧୀନତା ଏବଂ ସାମ୍ବିଧାନିକ ପ୍ରତିକାର ଗ୍ୟାରେଂଟି ଦିଏ। ରାଜ୍ୟ ନୀତିର ନିର୍ଦ୍ଦେଶାତ୍ମକ୍ ନୀତି (ଭାଗ -**IV**) ଜୀବିକା, ଶିକ୍ଷା, ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣ ଭଳି ସାମାଜିକ-ଆର୍ଥିକ ଅଧିକାର ଉପରେ ଗୁରୁତ୍ୱ ଦିଏ। ମୌଳିକ କର୍ତବ୍ୟ (ଭାଗ-୪ଠଇ) ନାଗରିକମାନଙ୍କୁ ମାନବିକ ମର୍ଯ୍ୟାଦା ବଜାୟ ରଖିବା, ସଦ୍ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ସାର୍ବଜନୀନ ସମ୍ପତି ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ଉତ୍ସାହିତ କରେ। ଏକତ୍ରିତ ଭାବରେ, ଏହି ବ୍ୟବସ୍ଥାଗୁଡିକ ଏକ ସାମଗ୍ରିକ ମାନବାଧିକାର ଢାଂଚା ସୃଷ୍ଟି କରେ, ଯାହା ସନ୍ତୁଳନ କରେ ବିଶ୍ୱ ମାନବାଧିକାର ଢାଂଚା ଗଠନରେ ଭାରତ ଏକ ସକ୍ରିୟ ଅଂଶଗ୍ରହଣକାରୀ ହୋଇଛି। ହଂସା ମେହେତାଙ୍କ ସମେତ ଭାରତୀୟ ପ୍ରତିନିଧିମାନେ **UDHR**ପ୍ରସ୍ତୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମେହତା ପ୍ରସିଦ୍ଧ ଭାବରେ ନିଶ୍ଚିତ କରିଥିଲେ ଯେ ଧାରା ୧ରେ ସମସ୍ତ ପୁରୁଷ ବାକ୍ୟାଂଶକୁ ସମସ୍ତ ମଣିଷ ସହିତ ବଦଳାଯାଇଥିଲା।

(କ୍ରମଶଃ)

## କବିତା କୋଣାର୍କ

# ଏ ରଙ୍ଗ ରହିଲେ ହେଲା

## ଭାସ୍କର ରାଉତ

ନୀଳକୁଣ୍ଡେ ପଡ଼ି ଶୃଗାଳ ଯେପରି
ନୀଳ ବର୍ଣ୍ଣ ଦେଖାଗଲା
ବନ୍ୟଜନ୍ତୁ ଯେତେ ଦେଖିଣ ସମସ୍ତେ
ଦଉଡ଼ି ଚାଲିଲେ ଭଲା।
ଶୃଗାଳ ବିଚାର କଲା,
ବନେ ରାଜା ହୋଇ ସ୍ୱଜାତିକୁ ସେହି
ଉପେକ୍ଷା କରି ଚାଲିଲା।
ଆଚରଣ ତା'ର ହୋଇଲା ନିଷ୍ଠୁର
ଶୃଗାଳେ ବିଚାର କଲେ
ଅସଲ ରୂପକୁ ପଦାରେ ତାହାକୁ
ପକାଇବାକୁ ଲାଗିଲେ।
ହୋକେ ହୁ ରାବକଲେ,
ସିଂହାସନେ ରହି ରାବିଲାକ ସେହି
ସକଳେ ତାକୁ ଚିହ୍ନିଲେ।
ରଙ୍ଗ ବଦଳାଇ ରାଜା ହୋଇ ସେହି
ଜୀବନ ତହିଁ ହାରିଲା
ଏ ଜନ ନାୟକ ରୂପ ତାଙ୍କ ଦେଖ
ସମାଜେ ଲଗାନ୍ତି ପାଲା।
ସ୍ୱାର୍ଥର ନିମନ୍ତେ ଭଲା
କ୍ଷମତାର ପାଇଁ ରଙ୍ଗ ବଦଳାଇ
କରୁଥାନ୍ତି ସେହି ହାଲ୍ଲା।
ଚତୁର ଜନତା କରିଣ ସେ ଚିନ୍ତା
ତା ରଙ୍ଗ ଛଡ଼ା ଦେଲା
ହଜିବାରୁ ରଙ୍ଗ ହେଲା ମୋହ ଭଙ୍ଗ
କବାଟ କୋଣେ ଲୁଚିଲା।
ଏ ରଙ୍ଗ ରହିଲେ ହେଲା,
କୃତ୍ରିମ ରଙ୍ଗକୁ ନାଇଣ ତାହାକୁ
ବିଚରା ଶୃଗାଳ ମଲା।


+ ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮


# ଶୀତ ଆମ ଅଭ୍ୟାଗତ

## ଆଦ୍ୟାଶା ମହାପାତ୍ର

ଶୀତ ଯାଚିଦିଏ ସୁଖ -ଶାନ୍ତି -ସ୍ୱସ୍ତି -ବଇଭବ ଗୃହାଙ୍ଗନେ
ସୁନାର ସପନ ଦେଖାଏ କାହାକୁ ଜୀଜିବିଷା ଭରି ମନେ,
ପାହାଡ ଝରଣା କେଦାର କାନନେ ଶୀତ ଭରିଦିଏ ରଙ୍ଗ
ଶୀତ ପରା ଏକ ମତୁଆଲା ଋତୁ ହୃଦୟେ ଭରେ ଉମଙ୍ଗ ।
ରାତିର ବୟସ ଯେତେ ବଢୁଥାଏ ଶୀତ ସେତେ ଆନମନା
ନୀରବତା ମଧ୍ୟେ ଦେହ ଦେହାଳିରେ ପ୍ରୀତିସ୍ୱଦ ଆଳପନା,
ଶୀତ ଶୋଇଯାଏ ଭବ୍ୟ ମହଲରେ ସପନର ଶେଯ ପାରି
କେବେ ପୁଣି ସିଝେ ବିରହ ଜ୍ୱାଳାରେ ଲୁହ ଯାଉଥାଏ ଝରି।
କୁଆଁରୀ କଇଁର କଅଁଳ ଓଠକୁ ଶୀତ ପାଏ ବୋଧେ ଭଲ
ପାହାନ୍ତି କାକରେ ଧୋଇ ତା ପାଖୁଡା କରେ ତାକୁ ଝଲମଲ,
ସକାଳ ସଞ୍ଜରେ କୁହୁଡି ସଜାଇ ଶୀତ ଖେଳେ ଲୁଚକାଳି
ଜହ୍ନରୁ ମୁକୁତା ସାଉଁଟେ ବି ଶୀତ ଶୁଣି ଦୁର୍ବାଦଳ ଅଳି ।
ଶୀତ ଶଂଖୁଳଇ ପକ୍ଷୀ ପର୍ଯ୍ୟଟକ ହସିଉଠେ ଏ ଭୁବନ
ଶୀତ ପରା ଆମ ଅଭ୍ୟାଗତ ପାଇ ପ୍ରକୃତିର ନିମନ୍ତ୍ରଣ।


+ନୂଆପଡା, କଟକ

## ବାରିପଦା -୨

### ସୁମିତା ବେହେରା



ଦିନେ ସରିଯାଏ ସବୁ
ଏ କଥା ସେ ନିରବରେ କହେ
ତଥାପି ଏକ ରଙ୍ଗୀନ ବିଶ୍ୱାସର
ଅଦ୍ଭୁତ ଖିଆଲିପଣରେ ହସେ ବାରିପଦା ।

ତା ଦେହରେ ଟଣା ହେବାକୁ ଥିବା ଗାର
ଯିବ ଦୂର, ବହୁଦୂର ରାସଗୋବିନ୍ଦପୁର
ପ୍ରାଣ ହରାଇ ଗଢିଥିବା ଗଛ ବୃଛ ପାଇଁ
ତତଲା ନିଃଶ୍ୱାସକୁ ପୋଛିଦେବାକୁ ପଡେ
ଗୋଟେ ଜହ୍ନରାତି ଆସିବା ଅପେକ୍ଷାରେ ।

ପାଲବଣି ଠାରୁ ଦେବେନ୍ଦ୍ରପୁର ଯାଏ
ଯେତେ ଆଖି ସେତେ ପ୍ରଶ୍ନ
ଫିସ୍ ଫିସ୍ କରି କଣ କହେ ସେ
ଦିଶେ କେବଳ ନିଃଶ୍ୱାସର ଉନ୍ମାଦ ସ୍ରୋତ ।

ଛଉ ପଡିଆ ଛକରେ
ଶୋଇପଡିଥିବା ରାତି
ଚେଇଁ ଉଠେ କେବେ କେବେ
ମହୋତ୍ସବର, ମେଳାର ମିଳାପରେ
ତା ଦେହରେ ଝିଲ୍ ମିଲ୍ କରେ
ଆଲୋକ ଖଚିତ ଚିତ୍ରିତ ଶାଢୀ ।

ତକତପୁର ଛକରେ ବସ୍ ଠିଆହୁଏ
ପଛକୁ ଫେରି ଚାହିଁ ଥରେ
ଆଗେଇ ଚାଲନ୍ତି କଲେଜ ଫେରନ୍ତା ପୁଅ ଝିଅ,
ବୁନା ଦୋକାନରେ ଉଠୁଥାଏ
ଗରମ ଚା'ର ବାମ୍ଫ ।
ରୋଜ ରୋଜ ଷ୍ଟେସନବଜାରରେ
ଅନୁରଣିତ ଶବ୍ଦ
ଅଭିଷିକ୍ତ କରେ ତାକୁ ଅଳ୍ପ ମେକ୍‌ଅପରେ
ଷ୍ଟେସନରେ ଟିପେ ହସର ଟିକିଲି
ଆଖିରେ ବରଫଢଙ୍କା ପାହାଡ ଭିତରେ
କେହିଜଣେ ବୁଣୁଥାଏ ଆଗାମୀ ଦିନର ନକ୍ସା
ତେଣେ ଆଶୀର୍ବାଦ ଛକରେ
ଠିଆ ହୋଇଥାଏ ଯିଏ
ଆଗାମୀ ଯାତ୍ରାର ଅପେକ୍ଷାରେ,
ବାରିପଦା ତା ପାଇଁ ଧରିରଖିଥାଏ ଗୋଟେ
ଅମ୍ଳାନ ହସ
ପ୍ରତିଟି ଓଦା ଓଦା ମୁହୂର୍ତରେ ।


♥କାଳିକାପୁର, ବାରିପଦା
ମୋ: ୬୩୭୨୮୫୬୯୯୪


## ଏଇ ମୋର ଗାଆଁ

### ବାଉରିବନ୍ଧୁ ଲେଙ୍କା



ସାଗରେ ନାଚେ ନୀଳ ତରଙ୍ଗ
ଆକାଶେ ଭସା ମେଘର ରଙ୍ଗ
ଧୂସର ଏଇ ମାଟିର ବକ୍ଷେ
ଶ୍ୟାମଳୀ ଶସ୍ୟ କନ୍ୟା ।

ଲଭି ବରଷା ପ୍ରିୟର ସଙ୍ଗ
ମନରେ ଭରି କେତେ ଉମଙ୍ଗ
ସୁଲୁ ସୁଲିଆ ପବନେ ନାଚେ
ଛୁଟାଇ ରୂପ ବନ୍ୟା ?

ମୃଦୁ ସମୀର ବହଇ ମନ୍ଦେ
ବରଷେ ମେଘ ଚପଳ ଛନ୍ଦେ
ମହକି ଯାଏ ଫୁଲର ଗନ୍ଧେ
ମୋ ଗାଆଁ ପରିବେଶ ।

ସକାଳ ସଂଧ୍ୟା ଆରତୀ ବେଳ
ହୋଇଲେ ବାଜେ ଘଣ୍ଟ ମର୍ଦ୍ଦଳ
ଗାଆଁ ମନ୍ଦିରୁ ଆସଇ ଭାସି
ବିଭୁଙ୍କ ଶୁଭାଶିଷ ?

ଏଇ ମୋର ଛୋଟ ଗାଆଁଟି
ପୋଥି ପତରେ ନାହିଁ ନାଆଁଟି
ତାହାରି କୋଳେ ଜନମି ମୁହିଁ
ମଣେ ନିଜକୁ ଧନ୍ୟ ।

ଯେଉଁଠି ଥିଲେ ଯେପରି ଥିଲେ
ଯିବି ମୁଁ ଧାଇଁ ବିପଦ ବେଳେ
ତା ସେବା କରି ପାରିଲେ ମୋର
ହୋଇବ ମହା ପୁଣ୍ୟ ।


♥ ତରଡାପଡା, ପୋ- ପହଙ୍ଗା
ନିଆଳି, କଟକ
(ମୋ) ୯୮୫୩୫୩୫୮୪୪


## ସ୍ମୃତି

### ରତ୍ନପ୍ରଭା ବାଇ



ସୁଖ ହେଉ କି ଦୁଃଖ ହେଉ
ପ୍ରେମ କିବା ପ୍ରତାରଣା
ଅବା ବିଚ୍ଛେଦ ମିଳନ
ଏକାଧିକ ଯା'ର ସଂଜ୍ଞା ସ୍ମିତି
ଯେଉଁଟି ଜୀବନେ ଅଲିଭା ଗାର ଟାଣେ
ସେଇ ତ ହେଉଛି ସ୍ମୃତି ।

ହୃଦୟର ଫରୁଆରେ
ସ୍ୱତଃସ୍ଫୂର୍ତ୍ତ ଭାବେ
ଯାହା ହୋଇଯାଏ ସାଇତି
ମନର ସାଦା କାଗଜରେ
ଯାହା ଲେଖି ହୋଇଯାଏ ଅଲିଭା ଗୀତି
ଅନୁଭବ ଆଇନାରେ ଯାହା ଦିଶୁଥାଏ ନିତି
ସେଇତ ହେଉଛି ସ୍ମୃତି ।

ବେଳେ ବେଳେ ସ୍ମୃତି
ହସର ଢେଉ ତୋଳେ
କେବେ କେବେ ସ୍ମୃତି ମରମକୁ ଜାଳେ
ପୁଣି କେବେ ଭାବନାର ଖିଅ ଧରି
ଅତିତକୁ ଫେରେ ।
ପ୍ରତି ମୂହୁର୍ତ୍ତରେ
ସ୍ମୃତି, ଚିତ୍ର ଆଙ୍କିଥାଏ
ଜୀବନର ପ୍ରତିଟି ପୃଷ୍ଠାରେ ।


ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର, ଅନୁଗୁଳ
ମୋ : ୯୩୩୭୯୭୨୭୪୯


## ନୀଳ କଇଁ

### ସୁହଂସ ଭୋଇ



ପଙ୍କ ମଧ୍ୟେ ପାଦ ବୁଡ଼ିଅଛି ଦ୍ୱୟ
ଶରୀର ସରସୀ ଜଳେ
ମୁଁ କୁମୁଦ, ମୁଖ ଅନେଇଛି ଊର୍ଦ୍ଧ୍ୱ
ଏକାଗ୍ରତେ ଅନାବିଳେ ।

କଅଁଳି କଳିକା ଅଳସ ଭାଙ୍ଗୁଛି
ମୃଦୁ ମଳୟର କୋଳେ
ମଧୁପ ଲମ୍ପଟ ଘୁରି ବୁଲୁଅଛି
ବାନ୍ଧିବାକୁ ପ୍ରେମଜାଳେ ।

କୋମଳ ପ୍ରକାଶ ଲଭିଲେ ତା ସ୍ୱର୍ଶ
କଢି ଫୁଟି ହେବି କଇଁ
ପାଇଲେ ଜୋଛନା ପୂର୍ଣ୍ଣ ଯଉବନା
ତେଣୁ ମୁଁ ରହିଛି ଚାହିଁ ।

ନିର୍ଲଜୀ ନୀରଦ ଉଦ୍ଦେଶ୍ୟ ତା ମନ୍ଦ
ଲୁଚେଇଛି ଅଙ୍ଗଦେଶେ
ଜହ୍ନ ପ୍ରଣୟ କୁ ନ ଛାଡେ ଆଗକୁ
ସାଜି ସଉତୁଣୀ ବେଶେ ।

ମୋ ରୂପ ଲାବଣ୍ୟ ଉଇଁଲେ ଅରୁଣ
କିରଣେ ପଡିବ ଝଡି
ଦିଶିବ ମଳିନ ରସ ହେବ ଶୂନ୍ୟ
ଭ୍ରମର ବି ଯିବ ଛାଡ଼ି ।


ପହଣ୍ଡି, ବରଗଡ଼


## ହଜାରେ ଆଖିର ପହରା ଆଢ଼େଇ

### ତାରାପ୍ରସାଦ ଜେନା



ହଜାରେ ଆଖିର ପହରା ଆଢ଼େଇ
ତୁମକୁ ଆଣିଛି କାଢ଼ି
ମୋ ମନ ବଗିଚା ଫୁଲର ସହରେ
ତୁମେ ଗୋ ସୁନ୍ଦରୀ କଢ଼ି
ହଜାରେ ଆଖିର ପହରା ଆଢ଼େଇ .....।

ଭାବର ମଳୟେ ଦୋହଲି ଯାଉଛ
ସହଜେ ମୁରୁକି ହସି
ସରମ ଏମିତି ଛାଟୁଛ ସତରେ
ପାଖରୁ ଦୂରକୁ ଖସି,
ନରମ ଓଠରେ ରଙ୍ଗିନ୍ କାହାଣୀ
ଅକୁହା ହେଉଛି ପଢ଼ି
ହଜାରେ ଆଖିର ପହରା ଆଢ଼େଇ .....।

କୁହୁକ ପରୀର ମର୍ଯ୍ୟାଦା ଭିତରେ
ତୁମକୁ ସଜାଇ ରାଣୀ
ଆକାଶ କୁସୁମ ଆଶାର ତୋଳାକୁ
ସୌଭାଗ୍ୟ ପାରିଛି ମଣି,
ପୂର୍ଣ୍ଣିମା ଜହ୍ନକୁ ତୁମେତ ସାଜିଛ
ଉଜାଣି ପ୍ରେମର ବଢ଼ି
ହଜାରେ ଆଖିର ପହରା ଆଢ଼େଇ .....।


♥ରାଜ ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦


## ପୁରୁଷ

### ଡ. ଦୀପକ କୁମାର ମିଶ୍ର



କେବେ ବି ମେଳ ଖାଉନଥିବା
ସଂଜ୍ଞା ଓ ସଂଖ୍ୟାର ଗାରପକା ଗଣିତଖାତାରେ
ଏକ ସାଲିସ୍-ପୂର୍ଣ୍ଣ ଜୀବନକୁ ଗଣୁଗଣୁ
ଅଜାଣତରେ ସରି ଆସୁଥାଏ ଆତ୍ମା ଓ ଆୟୁଷ
ଅସ୍ତବ୍ୟସ୍ତ ପରିମାପରେ
ନାଲିସର ନାଲିଫିତାଟିଏ ସାଜି
କେତେବେଳେ ଯୋଡୁଥାଏ, କେତେବେଳେ
ଭାଙ୍ଗୁଥାଏ
ନିଜର ଇଚ୍ଛା ଅନିଚ୍ଛାରେ
ଅଧାଗଢ଼ା ଏଇ ଗୋଟେ ଉଜୁଡ଼ା ହୃଦୟ ।

କେବେକେବେ କାଠେଇଯାଏ
ଚେତନାର ଚଉହଦରେ ଅନେକ
ସ୍ମୃତିର ଚୌକାଠ
ନିରୁଦବିଗ୍ନ ଦରଓ୍ୱାନର
ଦାରୁଣ ଚିତ୍ରକଳ୍ପଟିଏ ପରି
କିଛି ପ୍ରାକ୍ ପ୍ରତିଶ୍ରୁତିର ସ୍ୱୀକାରୋକ୍ତିର
ଅସ୍ପଷ୍ଟ ଅକ୍ଷରର ସନ୍ଧିପତ୍ରରେ

ଗତାନୁଗତିକ ରୂପେ
ଠିକ୍ ଓ ଭୁଲ ଗୋଲକଧନ୍ଦାର
ଆବଶ୍ୟକତାହୀନ ଅନୁବନ୍ଧନରେ ।

କାଳେକାଳେ ଅନୁବାଦିତ ହେଇପାରୁନଥିବା
ଅତି ମାମୁଲି କବିତାଟିକୁ ହିଁ
ତୁମେ ପୁରୁଷଟିଏ ବୋଲି କହିପାର ନିର୍ଦ୍ୱନ୍ଦ୍ୱରେ
ଅବଶ୍ୟ ସେଥିରୁ ଲୁହକୁ ଚିପୁଡ଼ି
ରଖାହୋଇଥାଏ ପ୍ରଥମରୁ
ଲେଖାହେବାକୁ ଥିବା
ଏକ କ୍ଷୁଦ୍ରଗଳ୍ପର ଶେଷପୃଷ୍ଠା, ଶେଷପାରାର
ନାକକାନ୍ଦୁରି ନାୟିକାର ଆଖିସଜ ପାଇଁ ।

ବର୍ଷା ମନାସୁଥିବା ମନରେ
ଅପେକ୍ଷାରତ ବିଳମ୍ବିତ ମୁହୂର୍ତ୍ତଗୁଡ଼ିକ
ସତରେ ଖୁବ୍ ଯନ୍ତ୍ରଣାଦାୟକ
କାରଣ ଝରୁଥିବା ବର୍ଷାବିନ୍ଦୁକୁ ପାଥେୟକରି
କଦବାୟ ଅଶ୍ରୁସ୍ନାତ ହେବା
ନିଶ୍ଚିତରୂପେ ଏକ ସୌଭାଗ୍ୟର କଥା ।

ହାର ସ୍ୱୀକାର କରୁନଥିବା
କେଶ ଓ କତୁରୀ ମଧ୍ୟରେ
ଯେଉଁ ଲଢ଼େଇ ହୁଏ ନା
ସେଥିରେ ହାରିଯାଏ ଯୁଗେ ଯୁଗେ
ମିଛ ଦର୍ପଣର ସତ ଛବିଟିଏ
କର୍ତ୍ତବ୍ୟବୋଧ ଅନୁଶାସନର ଶକ୍ତ ଛାଟରେ
ବିନା କାରଣରେ ବାରମ୍ବାର ନିଲମ୍ବିତ ହୋଇ ।

ପୁରୁଷ କହିଲେ ତୁମେ ବାସ୍ତବରେ କ'ଣ ବୁଝ
କେଜାଣି
କେବେ କାନ୍ଦୁନଥିବା ହଳେ ଆଖି
ନା ଶୁଖିଯାଇଥିବା ଲୁହ ଉପନଦୀର
ଅସାମାନ୍ୟ ଆତ୍ମକଥାଟିଏ ।


ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ମଞ୍ଚ

### ସ୍ନିଗ୍ଧା ପଣ୍ଡା



କାହାର ନାଟକ କିଏ ସୂତ୍ରଧର ମଞ୍ଚ ସଜାଡ଼େ କିଏ
ନାଚ ନ ଶିଖି ବି ସେଇ ମଞ୍ଚରେ ନିତି ନାଚିବାକୁ ହୁଏ ?
ଯେତେ ଥର ଲୁଚେ ମଞ୍ଚ ଭୟରେ ପାଦରୁ ନୂପୁର ଖୋଲି
କେହି ଜଣେ ଟାଣି ଠିଆ କରେ ଆଣି ନାଚିବା ସରିନି ବୋଲି ?

ତାଳି ଶୁଭୁଥାଏ ଗାଳି ଶୁଭୁ ଥାଏ ପର୍ଦ୍ଦା ଯାଉଥାଏ ଉଠି
ତମର ଇଚ୍ଛାକୁ ପଚାରେ ବା କିଏ ଅଲଗା ହିସାବ ଏଠି ?
ଛଳନାର ରଙ୍ଗ ସବୁଠୁ ଶସ୍ତା ସବୁରି ମୁହଁକୁ ସାଜେ
ସେଇ ରଙ୍ଗ ମାଖି ମଞ୍ଚ ଉପରେ ଭୁଲାଏ ନିଜକୁ ନିଜେ ?

ଗୋଟିଏ ମଞ୍ଚରେ ଅନେକ ଦୃଶ୍ୟ ହେଉଥାଏ ସଞ୍ଚାଳନ
ପାପୁଲିର ଗାର ମନ୍ଦିରର ଫୁଲ ଆଳାପ ବିଳାପମାନ ?
ଯେଉଁଠି ଆରମ୍ଭ ସେଇଠାରେ ଶେଷ ଶେଷରୁ ଆରମ୍ଭ ହୋଇ
ନାୟକ ବଦଳେ ନାୟିକା ବଦଳେ ନାଟକ ବଦଳେ ନାହିଁ ?

ନାଚିବା ଲୋକ ତ ଅଭିନୟ କରେ ଦେଖିବା ଲୋକ ବି କରେ
ଅଜଣା ହାତର ଅଦେଖା ଡୋରିରେ ବନ୍ଧା ହୋଇ କରି ଘୂରେ ?


ମୋ-୯୮୬୧୩୨୩୬୫୦


## ଅମେୟ ବିଶ୍ୱାସରେ

### ଅନସୂୟା ପଣ୍ଡା



ଏମିତି ଦିନଟିଏ ସତରେ କ'ଣ ଆସିବ !

ସକାଳ କହିଦେବ ତୁ ସବୁ କଟକଣାରୁ ମୁକ୍ତ
ଫୁଲମାନେ କାନ୍ଦୁ ନଥିବେ ଫଟେଇ କୋହ
ଭାସି ଆସୁନଥିବ ବଞ୍ଚାଅ ବଞ୍ଚାଅ ଆର୍ତ୍ତଚିତ୍କାର
ଅବିଶ୍ୱାସର ଅମେୟ ତାତିରେ ଝଡୁ ନଥିବ
ପାଖୁଡା ପାଖୁଡା କୋମଳ ସରଳ ପ୍ରହର ।

ସବୁଜ ସ୍ୱପ୍ନ ସବୁ ସାକାର ହେଉଥିବେ
ଶ୍ରଦ୍ଧା ସମର୍ପଣର ଅମାପ ବର୍ଷାରେ
ମରୁଭୂମି ହସି ଉଠିବେ ଶ୍ୟାମଳ ଖୁସିରେ
ଘୃଣ୍ୟ କାମନା ନଇ ଶୁଷ୍କ ପଡିଯିବେ
ସିଦ୍ଧ ତପସ୍ୱୀର କମଣ୍ଡଳୁରେ ।

ଦେହର ମୋହରେ ବିବେକକୁ ହୁଡି
ପିଶାଚ ପାଲଟୁ ନଥାନ୍ତେ କେହି
ପୁଷ୍ପ ସ୍ତବକରେ ଇନ୍ଦ୍ରଧନୁର ରଙ୍ଗ ମିଶେଇ
ହରଣ କରି ପାରନ୍ତେନି ମତ୍ତ ଆତତାୟୀ ।

ବାଜିଉଠନ୍ତା ସ୍ୱସ୍ତିକ ଶଙ୍ଖ ମହୁରୀ
ବିଜୟ ଅସ୍ମିତାର ତୂର୍ଯ୍ୟନାଦ ହୋଇ
ମଙ୍ଗଳମୟ ସଂଯୋଜନା ହୋଇ
ସେଇ ଅମୃତକାଳର ଅପେକ୍ଷାରେ ବତୁରୁଚି
ନଉଲି ନୀଳକଇଁ ନିଜ ଭାଗ୍ୟ ଧରି
ପ୍ରତି ପାଖୁଡ଼ାରେ ତା'ର ସଞ୍ଚରିଛି
ମହତ୍ତର ସଂସ୍କାରର କଜଳ ଲଗାଇ ।

ସତେ କି କଅଁଳିବ ନବପଲ୍ଲବ ବିଶ୍ୱାସରେ
ପାରିଜାତି ଭାବନାର ଖିଲିଖିଲି ଓଠେ
ଝିଅଟିଏ କହିବ ସ୍ୱାଭିମାନେ ସଦର୍ପରେ
ଡର ଭୟ ଅସୂୟା ବୋଲି କିଛି ଆଉ ନାହିଁ
ଲଙ୍ଘିପାରିବି ଆକ୍ରୋଶର ହଳାହଳ ନଈ
ତୋଳିପାରିବି ସିସୃକ୍ଷାରେ ଆକାଶେ ମୋତି
ରାତି ପିଠିରେ ଆଶ୍ୱସ୍ତିରେ ଲାଉ ହୋଇ ।


♥ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧


## ଅମାନିଆ ଲୁହଧାର

### ପ୍ରଶାନ୍ତ କୁମାର ଦାଶ



ଭାଷାହୀନ ତୁମ ନୀରବତା ମୋର
ହୃଦୟରେ କାଟେ ଗାର
ତୁମ ଚିଠିପଢ଼ି ଝରିଯାଏ ମୋର
ଅମାନିଆ ଲୁହଧାର ।

ବାସ୍ନାମୟ ଆଜି ବଗିଚାର ଫୁଲ
ପ୍ରଜାପତି କରେ ଗେଲ
ହେଲେ ମତେ ତୁମେ କଥାଦେଇ ଶେଷେ
ଅବେଳରେ ଧୋକାଦେଲ ।

ମୁଁ ଦୂର ଆକାଶ ତୁମେ ନୀଳକଇଁ
କନକଚମ୍ପାର ବାସ
ଗୁଞ୍ଜନ ତୋଳଇ ଅଭୁଲା ତୁମର
ମୁଖର ମଧୁର ହାସ ।

ମୋ ଗାଆଁ ଆକାଶେ ଜହ୍ନ ଉଇଁ ଯେବେ
ଜୋଛନା ଦିଅଇ ଢାଳି
ଦିଶିଯାଏ ତୁମ ଶଶୀ ସମ ମୁଖ
ରାତି କାଟେ ଭାଳି ଭାଳି ।

ଭୁଲିପାରେ ନାହିଁ ତୁମ ପ୍ରେମ ପ୍ରୀତି
ପ୍ରଣୟ ପରଶ ମାୟା
ସତେ ତୁମେ ମେଘ ମେଦୁର ଆକାଶେ
କାଦମ୍ବିନୀ କମନୀୟା ।

ଚାହିଁଛି ମୁଁ ଆଜି ମୋ ମନରେ ଦେବ
ପ୍ରେମର ପୁଲକ ପ୍ରିୟା
ତମେତ ଫଗୁଣ ଫୁଲର ମହକ
ସ୍ୱଚ୍ଛ ମନ୍ଦାକିନୀ କାୟା ।


♥ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


## ଶୀତ ଆସେ ଘରେ ଘରେ

### ଜୟକୃଷ୍ଣ ସାହୁ



ସୋରିଷ ଫୁଲର ସୁନେଲି ଓଠରେ
ଯେବେ ହସ ଦେଲା ଦେଖି
ଶୀତ ମାଉସୀ ତା' କଅଁଳ ପାଦଟି
ଧରା ପରେ ଦେଲା ଥାପି
କହିଲା ସୁନ୍ଦରୀ ମୋର,
କି ଉପମା ଦେବି ତୋ ଶୋଭାକୁ ସତେ
ନାହିଁ ଯା'ର ପଟାନ୍ତର ।
ପିନ୍ଧିଅଛୁ ତୁଉ ହଳଦୀ ରଙ୍ଗର
ମଖମଲି ପାଠ ଶାଢ଼ି
ତୋ ମିଠା ସୁବାସ ପରଶ ସକାଶେ
ମହୁମାଛି ଯାନ୍ତି ବେଢ଼ି
ତୋତେ ମା' ପାଆନ୍ତି ଭଲ,
ତୁଉ ପରା ଅଟୁ ଲକ୍ଷ୍ମୀ ମାଆଙ୍କର
ଅତି ଆଦରର ଫୁଲ ।
ଶୀତ ଆସିଗଲେ ଧରା ପରେ ଆସେ
ଲକ୍ଷ୍ମୀ ମାଆଙ୍କର ପୂଜା
ମାଘ ପଞ୍ଚମୀରେ ସରସ୍ୱତୀ ପୂଜା
ପିଲାଏ କରନ୍ତି ମଜା
ମାଙ୍କର ପୂଜା କରି,
ପୁଷ୍ପାଞ୍ଜଳି ଦେଇ ଶୁଭ ମନାସନ୍ତି
ମନେ ଦିଅ ବିଦ୍ୟା ଭରି ।
ଶୀତ ମାଉସୀ ମୋ ବଗିଚାରେ ପଶି
ବସାଏ ପରିବା ହାଟ
ଫୁଲ ଗଛେ ଫୁଲ ଫୁଟିଲେ କରନ୍ତି
ମହୁମାଛି ଆସି ନାଟ
ଶୀତ ଆସେ ଘରେ ଘରେ,
ଏମିତିକା କେତେ ସୁଖ ବାଣ୍ଟି ଦେଇ
ପୁଣି ତା' ଘରକୁ ଫେରେ ।


♥କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭


## ଅସମାପ୍ତ ପ୍ରେମ

### ଦୀପିକା ହୋତା



ସ୍ୱାର୍ଥପର ଦୁନିଆଁ ଭିତରେ
ନିସ୍ୱାର୍ଥ ମଣିଷ ମୋ ମାଆ
ନଅ ମାସ ଗର୍ଭ କଷ୍ଟ ସହି
ମତେ ଦୁନିଆଁ ଦେଖାଇଲା
ମୋ ଆଖିରେ ଖୁସି ଦେଖିବାକୁ
ତା ଆଖିରୁ ଲୁହ ନିଗାଡି
ସହି ଗଲା ହାଡଫଟା ଅସହ୍ୟ ଯନ୍ତ୍ରଣାର.....

ବୟସ ବଢିଲା ମୁଁ ବଡ ହେଲି
କିନ୍ତୁ ତା ଆଖିରେ ମୁଁ ସେଇ କୁନି
ମୋ ଦେହର କଷ୍ଟ,
ତା ଛାତି ଫୋଡି ଯାଏ
ମୋ ଓଠର ହସ,
ତା ଦେହରେ ଉନ୍ମାଦନା ? ଖେଳେଇ ଦିଏ
ବୁଣି ଦିଏ ଅସମାପ୍ତ ପ୍ରେମର ଜୁଆର,
ସେ ପରା ମାଆ ମୋର .....

ପ୍ରେମ ତାର ଅସୀମ ଅନନ୍ତ
ଆକାଶ ଠାରୁ ନିରିମଳ
ଜୀବନଠୁ ଅଧିକ ଭଲ
ଏଇ ସଂପର୍କ ରକ୍ତର,
ବେଇମାନ୍ କରିବା ସେ ଜାଣିନି
ସଂପର୍କର ମଧୁର ଡୋରି ବାନ୍ଧିଛି
ସେ ପରା ଅସମାପ୍ତ ପ୍ରେମର ମନ୍ଦିର.......


♥ନୂଆପଡା

## ପୋଖରୀରେ ବୁଡି ନାବାଳିକାଙ୍କ ମୃତ୍ୟୁ

ଗଞ୍ଜାମ,୦୮/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଚୁଡ଼ଙ୍ଗପୁରରେ ପୋଖରୀରେ ବୁଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ମୃତ ନାବାଳିକାଙ୍କ ନାମ ସୋନାଲି । ମୃତ ସୋନାଲିଙ୍କ ବୟସ ୮ ବର୍ଷ ହେବ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କର ଜଣେ ସାଙ୍ଗ ମଧ ଗୁରୁତର ହୋଇଛନ୍ତି ।

ସୂଚନା ଅନୁଯାୟୀ, ସୋନାଲି ନିଜର ସାଙ୍ଗ ରାଜେଶ୍ୱରୀ ସହିତ ଆଜି ସକାଳେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଘଟିଥିଲା ଏହି ଅଘଟଣ । ଗାଧୋଉଥିବା ବେଳେ ଗଭୀର ପାଣିକୁ ଗୋଡ ଖସି ଯିବାରୁ ପ୍ରଥମେ ପାଣିରେ ବୁଡି ଯାଇଥିଲେ ସୋନାଲି । ତାଙ୍କୁ ସାହାଯ୍ୟ କରିବାକୁ ଯାଇ ରାଜେଶ୍ୱରୀ ମଧ ବୁଡିଯାଇଥିଲେ । ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁହିଁଙ୍କୁ ଉଦ୍ଧାର କରାଯାଇଥିଲା । ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ସୋନାଲିଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର । ରାଜେଶ୍ୱରୀଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଉଭୟ ଗୋଟିଏ ବିଦ୍ୟାଳୟରେ ପାଠ ପଢୁଥିଲେ ଏବଂ ତୃତୀୟ ଶ୍ରେଣୀର ଛାତ୍ରୀ ଥିଲେ ବୋଲି ଜଣାପଡିଛି । ଦିଗପହଣ୍ଡି ପୋଲିସ ଘଟଣାର ତଦନ୍ତ କରୁଛି ।

## ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳୀ ଚୟନ

କେନ୍ଦୁଝର,୦୮/୧୨ (ନି.ପ୍ର): ଓଡିଶା ତାଇକୋଣ୍ଡ ଟ୍ରେନିଂ ସେଣ୍ଟର ଏବଂ ଓଡିଶା ତାଇକୋଣ୍ଡ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ ପ୍ରତିଯୋଗିତା ପ୍ରତି ପାଇଁ ଖେଳାଳୀ ଚୟନ କେନ୍ଦୁଝର ଷ୍ଟାଡିୟମଠାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ କାର୍ଯ୍ୟକ୍ରମ ଆନ୍ତର୍ଜାତୀୟ ତାଇକୋଣ୍ଡ ଗ୍ରାଣ୍ଡମାଷ୍ଟର ତଥା ଓଡିଶା ଡିଶା ତାଇକୋଣ୍ଡ ଆସୋସିଏସନ୍ ର ସଂପାଦକ ସଂପାଦକ ଗୋପାଳ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରତିଭାବାନ କ୍ରିଡାବିତ ଚୟନ ପ୍ରତିଯୋଗିତାରେ ଭାଗ ନେଇଥିଲେ ଓ ଚୟନ ହୋଇଥିବା କ୍ରିଡାବିତମାନେ ଆଗାମୀ ଦିନରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଓଡିଶା ତାଇକୋଣ୍ଡ ଆସୋସିଏସନ୍ ସଂପାଦକ ପ୍ରକାଶ କରିଛନ୍ତି । ଏହି କୃତି କ୍ରିଡାବିତମାନେ ଆଗାମୀ ଦିନରେ କଲିକତା ଠାରେ ହେବାକୁ ଥିବା ଓପନ୍ ଇଂଟରନ୍ୟାସନାଲ ଚମ୍ପିୟାନସିପରେ ଭାଗ ନେବେ ବୋଲି ସେ ସୂଚନା ଦେଇଛନ୍ତି। ଏହି ଜାତୀୟସ୍ତରୀୟ ଖେଳାଳୀ ଚୟନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରିଡାବିତମାନେ ହେଲେ ଜିତେନ୍ଦ୍ର ଓରାମ, ସ୍ମିତିପ୍ରଜ୍ଞା ଗିରି, ଶୁଭ୍ରଂଶ ସାହୁ, ଆୟୁଷ ନାଏକ, ଅମିତ ନାଏକ, ଆସ୍ଥାମଣୀ ମାଝୀ, ରିଧିମା ଲାୟକ, କ୍ରୀତିକାବ୍ୟା ଦାସ, ଶ୍ରେୟାଶ୍ରୀ ଦାସ, ପୁଷ୍ପିତା ବାରିକ୍, ଏଆର୍ ରୁଦ୍ରାଶି, ଉତ୍କଣ୍ଠା ଦାସ, ଅନିଶା ନାଏକ ଓ ଚୁମୁକି ମହାରଣା। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କ୍ରିଡାବିତମାନେ ହେଲେ ତନିଶ ପ୍ରଧାନ, ବିଷ୍ଣୁ ପ୍ରିୟା ଦତ, ତୀର୍ଥବାସୀ ପ୍ରଧାନ, କୃଷ୍ଣପ୍ରଭା ଚାମ୍ପିଆ, ପ୍ରତ୍ୟୁଷ ପ୍ରିୟଦର୍ଶନୀ ପ୍ରଧାନ, ଅର୍ପିତା ପ୍ରଧାନ, ଲିପୁନ ନାଏକ, ଗୁଞ୍ଜନ ପୃଷ୍ଟି, ସାକ୍ଷୀ ପ୍ରିୟଦର୍ଶିନୀ ପୃଷ୍ଟି, ଦେବସ୍ମିତା ମାହାନ୍ତ, କୌଶିକ ପ୍ରିୟା ଜେନା, ରିତିକ ପାଣିଗ୍ରାହୀ ଓ ଇପ୍ସିତା ପ୍ରିୟଦର୍ଶନୀ ନାଏକ । କେନ୍ଦୁଝର ଜିଲ୍ଲାର ଜିଲ୍ଲାର କ୍ରିଡାବିତଙ୍କ ଏହି ସଫଳତା ପାଇଁ ରବିବାର ଦିନ ଜିଲ୍ଲା କ୍ରିଡା ସଂସ୍ଥାର ସାଧାରଣ ସଂପାଦକ ସଂଗ୍ରାମ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ଆମେଚର ତାଇକୋଣ୍ଡ ଆସୋସିଏସନ୍ ର ସଭାପତି ପ୍ରଦୀପ କୁମାର ମହାନ୍ତି ଓ ସଂପାଦକ ନିର୍ମଳ ଚନ୍ଦ୍ର ନାୟକ କୃତୀ କ୍ରିଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରଶିକ୍ଷକ ଚୟନ ଟଙ୍କଧର ନାଏକ ଶିବିରକୁ ସଂଯୋଜ ପାଜନା କରିଥିବାବେଳେ ଓଡିଶା ଦଳର କୋଚ ଭାବେ ଦିଗବିଜୟ ବେହେରା, ପାର୍ଥସରଥୀ ସାହୁଙ୍କୁ ଓଟିଏ ପକ୍ଷରୁ ନିଯୁକ୍ତି କରାଯାଇଛି।

## ପାଲସାହି ପଂଚାୟତର ସରପଂଚ ବିଜେପିରେ ମିଶିଲେ

ଭଦ୍ରକ,୦୮/୧୨ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକର ଧୁଶୁରି ଅଂଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ପରେ ଧାମନଗର ବ୍ଲକ ପାଲସାହି ପଂଚାୟତର ବିଜେପି ତରଫରୁ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ମୋହନ ସରକାରଙ୍କ ବିକାଶ ଧାରା, ରାଜ୍ୟ ନେତୃତ୍ୱ ଏବଂ ସର୍ବୋପରି ଧାମନଗର ନିର୍ବାଚନ ମଣ୍ଡଳୀର ଯୁବ ବିଧାୟକ ତଥା ଉଚ୍ଚ ଶିକ୍ଷା, ଯୁବ ବ୍ୟାପାର, ସଂସ୍କୃତି ଏବଂ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ପାଲସାହି ପଂଚାୟତର ସରପଂଚ ଅଜୟ ମଲିକ, ପୂର୍ବତନ ସରପଂଚ ତଥା ବିଜେଡ଼ି ଦଳର ଯୁବ ନେତୃତ୍ୱ ସୁଶାନ୍ତ ନାୟକ, ନାଏବ ସରପଂଚଙ୍କ ସମେତ ପଂଚାୟତର ଶତାଧିକ କର୍ମୀ ବିଜେଡ଼ି ଏବଂ କଂଗ୍ରେସ ଦଳ ପରିତ୍ୟାଗ କରି ମନ୍ତ୍ରୀଙ୍କ ଉପସ୍ଥିତି ରେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି।

## ମଧ୍ୟାହ୍ନ ଭୋଜନ ଚାଉଳ ଅଟୋରେ ନେବା ଘଟଣାରେ ବିଇଓ ନେଲେ ଦୃଢ଼ ପଦକ୍ଷେପ: ବିଦ୍ୟାଧରପୁର ସ୍କୁଲର ପ୍ରଧାନଶିକ୍ଷକଙ୍କୁ କଲେ ନିଲମ୍ବିତ

ଭଦ୍ରକ,୦୮/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଂଚାୟତ ଅଧୀନ ବିଦ୍ୟାଧରପୁର ଉଚ୍ଚ ପ୍ରାଥମିକ ସ୍କୁଲରୁ ମଧ୍ୟାହ୍ନଭୋଜନ ଚାଉଳ ପ୍ରଧାନଶିକ୍ଷକ ଅଟୋରେ ନେଉଥିବା ଘଟଣାରେ ବ୍ଲକ ଶିକ୍ଷାଧିକାରିଣୀ(ବିଇଓ) ସୁଶ୍ରୀ ସୂର୍ଯ୍ୟଶିଖା ମହାନ୍ତି ଦୃଢ ପଦକ୍ଷେପ ନେଇଛନ୍ତି । ସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ ପାଢ଼ୀଙ୍କୁ ବିଇଓ ସୁଶ୍ରୀ ମହାନ୍ତି ନିଲମ୍ବିତ କରିଥିବା ଜଣାପଡିଛି ।ନିଲମ୍ବନ ସମୟରେ ପ୍ରଧାନ ଶିକ୍ଷକ ଶ୍ରୀ ପାଢ଼ୀ ଗାଜିପୁର ପାଟଣା ସ୍କୁଲରେ ରହିବେ। ତାଙ୍କୁ ବେତନ ଓ ଡ଼ି ଏ ପଚାଶ ପ୍ରତିଶତ ଦିଆଯିବାବୋଲି ମଧ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଏହି ନିର୍ଦ୍ଦେଶକୁ ପ୍ରଧାନ ଶିକ୍ଷକ ସମେତ ଉଚ୍ଚ କତୃପକ୍ଷଙ୍କ ନିକଟକୁ ପଠାଇ ଦିଆଯାଇଛି ।ପ୍ରକାଶ ଯେ , ଗତ ମାସ ୨୨ତାରିଖ ଅପରାହ୍ନରେ ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ପାଢ଼ୀ ୪ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ସ୍କୁଲରୁ ଏକ ଅଟୋରେ ନେଇ ଯାଉଥିଲେ। କେତେକ ଗ୍ରାମବାସୀ ଏହା ଜାଣିବା ପରେ ରାସ୍ତାରେ ଅଟୋକୁ ଅଟକାଇ ସ୍କୁଲକୁ ଚାଉଳ ଫେରାଇ ଆଣିଥିଲେ। ଏହି ଘଟଣାଟି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।ପରେ ସେମାନେ ଏ ସମ୍ପର୍କରେ ଗ୍ରାମବାସୀ ବିଇଓ ସୁଶ୍ରୀ ମହାନ୍ତି ଏବଂ ସିଆରସିସିଙ୍କୁ ଜଣାଇଥିଲେ। ପୁଣି ଗତ ମାସ ୨୪ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ସବ୍ୟସାଚୀ ପଣ୍ଡା, କରୁଣାକର ନାୟକ, କନକ ଲତା ପଣ୍ଡା, ରତ୍ନାକର ପଣ୍ଡା, କବିତା ସାହୁ, ବିଶ୍ୱଜିତ ସାହୁ, ମିନତୀ ଜେନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ସୁଶ୍ରୀ ମହାନ୍ତି ଏବିଓ ଲକ୍ଷ୍ମୀପ୍ରିୟା ମାଝୀ ଓ ଏମଡ଼ିଏମ ନୋଡାଲ ଅଧିକାରୀ କରୁଣାକର ଓଝାଙ୍କୁ ତଦନ୍ତକରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେମାନେ ସ୍କୁଲକୁ ଯାଇ ଆବଶ୍ୟକୀୟ କାଗଜପତ୍ର ତନଖିକରିବା ସହିତ ଅଭିଯୋଗ ଉପରେ ତଦନ୍ତ କରି ରିପୋର୍ଟ ଦେବାପରେ ବିଇଓ ସୁଶ୍ରୀ ମହାନ୍ତି ପ୍ରଧାନଶିକ୍ଷକ ଶ୍ରୀ ପାଢ଼ୀଙ୍କୁ ନିଲମ୍ବନ କରିଥିବା ଜଣାଯାଇଛି।

## ବିଶ୍ୱ ଶକ୍ତି ନେତା ସମ୍ମିଳନୀ ୨୦୨୫ – ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନରେ ସ୍ଥାୟୀ ଶକ୍ତି ପରିବର୍ତ୍ତନ ଉପରେ ପବ୍ଲିକ ପ୍ରାଇଭେଟ ପାର୍ଟନରସିପକୁ ଗୁରୁତ୍ୱ

ଭୁବନେଶ୍ୱର,୦୮/୧୨ (ନି.ପ୍ର): ବିଶ୍ୱ ଶକ୍ତି ନେତା ସମ୍ମିଳନୀ ୨୦୨୫ ର ଦ୍ୱିତୀୟ ଦିନରେ 'ସହଭାଗିତା' ବିଷୟବସ୍ତୁ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ-ଘରୋଇ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯାହା ଶକ୍ତି ପରିବର୍ତ୍ତନ ରେ ସ୍ଥାୟୀତ୍ୱ, ସନ୍ତୁଳନ ଏବଂ ନବଉଦ୍ଭାବନ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଉପମୁଖ୍ୟମନ୍ତ୍ରୀ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧିବେଶନ ସମୟରେ ଉପସ୍ଥିତ ଥିଲେ। ମେଟ୍ରିକ୍ସ ଅଧକ୍ଷ ଶ୍ରୀ ୱିଲିୟମ୍ ମୋରିସନଙ୍କ ଦ୍ୱାରା ଏହି ଅଧିବେଶନ ପରିଚାଳିତ ହୋଇଥିଲା । ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ ଏହି ଅଧିବେଶନ ଏକ ସଫଳ ପରିବର୍ତ୍ତନ ପାଇଁ ଜୀବାଶ୍ମ-ଆଧାରିତ ଇନ୍ଧନ ରୁ ଅଣ-ଜୀବାଶ୍ମ-ଆଧାରିତ ଶକ୍ତି ଉତ୍ସକୁ ସ୍ଥାନାନ୍ତରିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶରେ ଶକ୍ତି ପରିବର୍ତ୍ତନର ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବା ପାଇଁ ପ୍ୟାନେଲ ଗୁରୁତ୍ୱାରୋପ କରି କହିଥିଲେ ଯେ ଏକ ଦୃଢ଼ ସାର୍ବଜନୀନ-ଘରୋଇ ସହଭାଗୀତା ମଡେଲ ଆବଶ୍ୟକ, ଯେଉଁଥିରେ ନିବେଶର ଦୃଢ଼ ସନ୍ତୁଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାର ଏକ ଉଲ୍ଲେଖନୀୟ ଉଦାହରଣ ହେଉଛି ଓଡ଼ିଶାର ବିଦ୍ୟୁତ ବଂଟନ ବ୍ୟବସ୍ଥା, ଡିସକମ ଢାଂଚା ଅଧୀନରେ ପ୍ରଭାବଶାଳୀ ଶକ୍ତି ପରିଚାଳନାକୁ ଏକ ସଫଳ ଉଦାହରଣ ଭାବରେ ଉପସ୍ଥାପିତ କରାଯାଇଥିଲା। ଏହି ଆଲୋଚନାରେ ଏକ ବିଶିଷ୍ଟ ପ୍ୟାନେଲ ସାମିଲ ଥିଲେ, ଯେଉଁଥିରେ ଟାଟା ପାୱାରର ସିଇଓ ଡକ୍ଟର ପ୍ରବୀର ସିହ୍ନା, ଅରୋରା ଏନର୍ଜିର ଇଣ୍ଡିଆ ମୁଖ୍ୟ ଶ୍ରୀ ଦେବବ୍ରତ ଘୋଷ, ଆଇଫରେଷ୍ଟର ସିଇଓ ଶ୍ରୀ ଚନ୍ଦ୍ର ଭୂଷଣ, ଇଭିପି (ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ପିଏମଓ), ରିନ୍ୟୁ, ଆଭାଡା ଗ୍ରୁପର ସଭାପତି ଶ୍ରୀ ପ୍ରଶାନ୍ତ ଚୌବେ ସାମିଲ ଥିଲେ। ସମ୍ମିଳନୀ ଆଲୋଚନାରେ ଉଲ୍ଲେଖ କରାଯାଇଥିଲା ଯେ ଏକ ସ୍ଥାୟୀ, ଅଣ-ଜୀବାଶ୍ମ-ଆଧାରିତ ଶକ୍ତି ଭବିଷ୍ୟତ ହାସଲ କରିବା ଏବଂ ସ୍ଥିର ବଂଟନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅଭିନବ ପବ୍ଲିକ ପ୍ରାଇଭେଟ ସହଭାଗିତାରେ ନିବେଶ ଏବଂ ଶକ୍ତି ଭିତ୍ତିଭୂମି ପ୍ରତି ଏକ ସନ୍ତୁଳିତ ଆଭିମୁଖ୍ୟ ଅତ୍ୟନ୍ତ ଜରୁରୀ।

## ଦାରିଦ୍ର୍ୟ ହ୍ରାସ ଉପରେ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବର ୭ ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ରଖିଲେ କୋରାପୁଟ ଝିଅ

ଜୟପୁର, ୦୭ ଡିସେମ୍ବର(ହି.ସ.) – କୋରାପୁଟ ଜିଲ୍ଲା ଜୟପୁରର ଝିଅ ଡାକ୍ତର ଶତାବ୍ଦୀ ମିଶ୍ର ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭେଷଜ ବିଭାଗ ଅଧିକାରୀ ଭାବେ କାର୍ଯ୍ୟରତ। ଭାରତରୁ ଏକ ମାତ୍ର ପ୍ରତିନିଧି ଭାବେ ସମ୍ମିଳନୀରେ ଅଂଶଗ୍ରହଣ କରି ଶତାବ୍ଦୀ ଓଡ଼ିଶା ତଥା କୋରାପୁଟ ଜିଲ୍ଲାକୁ ଗେ?ରାବନ୍ୱିତ କରିଛନ୍ତି। ଅର୍ନ୍ତଜାତୀୟ ସମ୍ମିଳନୀରେ ଅଂଶଗ୍ରହଣ ପାଇ ଭାରତରୁ ୨୦ରୁ ଅଧିକ ଆଶାୟୀ ଥିବା ବେ?ଳେ ଶତାବ୍ଦୀଙ୍କୁ ଚୟନ କରିଥିଲା ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ। ମନ୍ତ୍ରାଳୟର ୬ ଅଧିକାରୀଙ୍କ ମାର୍ଗଦର୍ଶନରେ ଶତାବ୍ଦୀ ଅକ୍ଟୋବର ୩୧ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ସମ୍ମିଳନୀରେ ଜଳବାୟୁ ପରିବର୍ତନର ପ୍ରଭାବ ରୋକିବାକୁ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ପରାମର୍ଶ ରଖିଥିଲେ। ଏଥି ଲାଗି ଗତ ୨ବର୍ଷ ଧରି ସେ ପ୍ରସ୍ତୁତି ଜାରି ରଖିଥିଲେ। ପ୍ରସ୍ତୁତି ସମୟରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ ପାଢ଼ୀ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀନାଥ ମିଶ୍ର ଓ ଅବସରପ୍ରାପ୍ତ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡୀ ସହାୟତା କରିଥିବା ଶତାବ୍ଦୀ କହିଛନ୍ତି। ତୁର୍କୀ ସମ୍ମିଳନୀରେ ବିଶ୍ୱର ୭୦ଟି ଦେଶ ଅଂଶଗ୍ରହଣ କରିଥିବା ବେଳେ ୭ଟି ଲେଖାଁଏ ଦେଶକୁ ନେଇ ଗୋଟିଏ ଟିମ୍? ଗଠନ ହୋଇଥିଲା। ଭାରତ, ଚାଇନା, କାତାର, ଦକ୍ଷିଣ ଆଫ୍ରିକା, ଫିଲଫାଇନ୍ସ, ଭିଏତନାମା, ଶ୍ରୀଲଙ୍କାଙ୍କୁ ନେଇ ଗଠିତ ଟିମର ନେତୃତ୍ୱ ନେଇଥିଲେ ଶତାବ୍ଦୀ ।

୩ ଦିନିଆ ସମ୍ମିଳନୀ ପରେ ଆହୁରି ୧୨ ଦିନ ଧରି ଶତାବ୍ଦୀ ତୁର୍କୀରେ ରହି ଜଳବାୟୁ ପରିବର୍ତନର ପ୍ରଭାବ ଏବଂ ଏହାର ନିରାକରଣ ଦିଗରେ ଅନ୍ୟ ଦେଶ ଗୁଡ଼ିକ କେଉଁ ପଦକ୍ଷେପ ନେଇଛନ୍ତି ସେ ନେଇ ଅନୁଧ୍ୟାନ କରିଥିଲେ। ଶତାବ୍ଦୀ କହିଛନ୍ତି ଜଳବାୟୁ ପରିବର୍ତନର ପ୍ରଭାବ ଅର୍ଥନୀତି ଉପରେ ନ ପଡ଼ିବାକୁ ଭାରତ ନେଇଥିବା ୭ଟି ପ୍ରମୁଖ ପଦକ୍ଷେପ ସମ୍ପର୍କରେ ସେ ରଖିଥିବା ପରାମର୍ଶକୁ ସାରା ବିଶ୍ୱ ଅନୁକରଣ କରିବା ଲାଗି ଜାତିସଂଘ ଗ୍ରହଣ କରିଛି। ସେଥି ମଧ୍ୟରେ ପ୍ରମୁଖ ପ୍ରସ୍ତାବ ଭାବେ ଗ୍ରାମୀଣ କର୍ମ ନିଯୁକ୍ତି ମାଧ୍ୟମରେ ଜଳ ସଂରକ୍ଷଣ, ପୁନଃବନୀକରଣ, ଭୂମି ବିକାଶକୁ ପ୍ରୋତ୍ସାହିତ, ସର୍ବନିମ୍ନ ଆୟ ଗୋଷ୍ଠୀକୁ ଜଳବାୟୁ ପ୍ରତିରୋଧୀ ଗୃହ ପ୍ରଦାନ, ସ୍ଥାୟୀ କୃଷି ଓ ଜଳ ପରିଚାଳନା ଦକ୍ଷତା, ଶକ୍ତି ନବୀକରଣ, ୨୦୩୦ ସୁଦ୍ଧା ୫୦୦ ଜିଗାୱାଟ ଅଣ ଜୀବାଶ୍ମ ଇନ୍ଧନ କ୍ଷମତା ହାସଲ ଲକ୍ଷ୍ୟ, କୃଷି, ବନୀକରଣ ଓ ଉପକୂଳ ପରିଚାଳନା ପ୍ରକଳ୍ପକୁ ସମର୍ଥନ, ନାଗରିକମାନଙ୍କ ମଧ୍ୟରେ ପରିବେଶ ଗତ ଦାୟିତ୍ୱପୂର୍ଣ୍ଣ ଆଚରଣ ଓ ସ୍ଥାୟୀ ଜୀବନଯାପନକୁ ପ୍ରୋତ୍ସାହିତ କରିବାରେ ଭାରତ ପ୍ରମୁଖ ପଦକ୍ଷେପ ନେଇଥିବା କହିଛନ୍ତି ଡାକ୍ତର ଶତାବ୍ଦୀ।

ସେପଟେ ଶତାବ୍ଦୀଙ୍କ ଏପରି ସଫଳତାକୁ ନେଇ ସାରା ଦେଶ ଗର୍ବିତ ଅନୁଭବ କଲାବେଳେ ରାଜ୍ୟ ବାସିଙ୍କ ପାଇଁ ଖୁସି ଖବର ଆଣିଦେଇଛି। ହେଲେ ପ୍ରତିଟି କୋରାପୁଟ ବାସି ଗର୍ବ ଅନୁଭବ କରିଥିବା ବେଳେ ପରିବାରରେ ବେଶ ଖୁସି ଆଣିଦେଇଛି। ଏପରିକି ଶତାବ୍ଦୀଙ୍କୁ ଗାଇଡ କରୁଥିବା ଶିକ୍ଷକ ଓ ଗୁରୁଜନ ନିଜକୁ ଗର୍ବ ଅନୁଭବ କରିଛନ୍ତି। ପଛୁଆ ଜିଲ୍ଲାର ଜଣେ ଡାକ୍ତରୀ ଝିଅର ବୃତିକୁ ଗୁରୁତ୍ୱ ଦେଇ ଦୃଢ଼ ଇଚ୍ଛା ଶକ୍ତି ମାଧ୍ୟମରେ ସଫଳତା ପାଇ ଥିବାରୁ ଅନେକ ପ୍ରଶଂସା ସାଉଁଟିଛନ୍ତି ଶତାବ୍ଦୀ। ଦାରିଦ୍ର୍ୟ ହ୍ରାସ ଉପରେ ଭାରି ପଡୁଛି ଜଳବାୟୁ ପରିବର୍ତନର ପ୍ରଭାବ। ଭାରତରେ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଗୁଡ଼ିକରେ ଅଦିନିଆ ବର୍ଷା, ବନ୍ୟା, ଭୂସ୍ଖଳନ, ଜଳବାୟୁ ପ୍ରଦୂଷଣ, ପରିବେଶ ନଷ୍ଟ ଓ ମରୁଡ଼ି ସାମାଜିକ ଓ ଅର୍ଥନେ?ତିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଉଛି। ଏହାର ମୁକାବିଲା ପାଇଁ ଭାରତ ୭ଟି ପ୍ରମୁଖ ପଦକ୍ଷେପ ମାଧ୍ୟମରେ ଦାରିଦ୍ର୍ୟ ହ୍ରାସ ସହ ଜଳବାୟୁ ସ୍ଥିରତା କ୍ଷେତ୍ରରେ ପ୍ରୟାସ ଆରମ୍ଭ କରିଛି। ତୁର୍କୀର ଇସ୍ତାନବୁଲ ସହରରେ ମିଳିତ ଜାତିସଂଘ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ୭ଟି ମହତ୍ୱପୂର୍ଣ୍ଣ ପରାମର୍ଶ ରଖିଛନ୍ତି ଡା. ଶତାବ୍ଦୀ ମିଶ୍ର । କୋରାପୁଟ ଜିଲ୍ଲା ଜୟପୁରର ଝିଅ ଡାକ୍ତର ଶତାବ୍ଦୀ ମିଶ୍ର ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭେଷଜ ବିଭାଗ ଅଧିକାରୀ ଭାବେ କାର୍ଯ୍ୟରତ। ଭାରତରୁ ଏକ ମାତ୍ର ପ୍ରତିନିଧି ଭାବେ ସମ୍ମିଳନୀରେ ଅଂଶଗ୍ରହଣ କରି ଶତାବ୍ଦୀ ଓଡ଼ିଶା ତଥା କୋରାପୁଟ ଜିଲ୍ଲାକୁ ଗୌରାବନ୍ୱିତ କରିଛନ୍ତି।

## ତୁଳସୀକ୍ଷେତ୍ର ପଣ୍ଡିତସଭାର ଷୋଡଶ ଅଧିବେଶନ

କେନ୍ଦ୍ରାପଡା,୦୮/୧୨ (ନି.ପ୍ର): ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ଷୋଡଶ ଅଧିବେଶନ ପଣ୍ଡିତ ଭ୍ରମରବର ନନ୍ଦଙ୍କ ସଭାପତିତ୍ୱରେ ଇଚ୍ଛାପୁର ସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ପବିତ୍ର କାର୍ଯ୍ୟକ୍ରମରେ ବେଦପାଠ କରିଥିଲେ । ପଣ୍ଡିତ ହରେ କୃଷ୍ଣ ପତି, ପୂର୍ବତନ ଉପସଭାପତି ସ୍ୱର୍ଗତ ପଣ୍ଡିତ ନାରାୟଣ ପତିଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପୂର୍ବ ସଭାର ବିବରଣୀ ପାଠ କରିଥିଲେ । ଯୁଗ୍ମ ସଂପାଦକ ପଣ୍ଡିତ ସୁବାସ ଚନ୍ଦ୍ର ପାଣି ବିଗତ ଅଧିବେଶନର ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ । କୋଷାଧକ୍ଷ ପଣ୍ଡିତ କ୍ଷୀରୋଦ ପଣ୍ଡା ୨୦୨୬ ମସିହାରେ ନିଃଶୁଳ୍କ ବ୍ରତୋପନୟନ ହେବାପାଇଁ ସର୍ବସମତି କ୍ରମେ ସ୍ଥିର କରାଗଲା । ପଣ୍ଡିତ ସଭା ଆନୁକୂଲ୍ୟରେ ମୁନି ଋଷି ବିଭିନ୍ନ ସଂସ୍କୃତ ବିଦ୍ୱାନ କବି ଲେଖକଙ୍କ ଜୟନ୍ତୀ ପାଳନ ନିମନ୍ତେ ସ୍ଥିର କରାଗଲା । ସଂସ୍କୃତ ଭାଷାର ସୁରକ୍ଷା ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ କରାଯିବା ପାଇଁ ସ୍ଥିର କରାଗଲା । ମାଧମିକ ଶିକ୍ଷା ସ୍ତରରେ ସଂସ୍କୃତ/ ହିନ୍ଦୀ ଭାଷାକୁ କେବଳ ତୃତୀୟ ଭାଷା ରୂପେ ପ୍ରଚଳନ କରିବା ପାଇଁ ତୁଳସୀ କ୍ଷେତ୍ର ପଣ୍ଡିତ ସଭା ତରଫରୁ ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପାଇଁ ପସ୍ତାବ ଗ୍ରହଣ କରାଗଲା । ସଂପାଦକ ପଣ୍ଡିତ ମାଧବ ଚନ୍ଦ୍ର ପତ୍ରୀ ଆଗାମୀ ଇଂରାଜୀ ନୂତନ ବର୍ଷ ୨୦୨୬ ପାଇଁ ସମସ୍ତଙ୍କର ଶୁଭ ମନାସୀ ଥିଲେ । । ଉକ୍ତ ସଭାରେ ସର୍ବଶ୍ରୀ ପଣ୍ଡିତ ହୃଷିକେଶ ରଥ, ବସନ୍ତ ଦାସ, ନୃସିଂହ ଚରଣ ପତି, ତପନ ଦାସ, କୁଳମଣୀ ପଣ୍ଡା, ହରିହର ଶତପଥି, ପ୍ରଭାକର ଆଚାର୍ଯ୍ୟ, ମହେଶ୍ୱର ପାଣି, ଅକ୍ଷୟ କୁମାର ପତ୍ରୀ, ରମାକାନ୍ତ ପତି, ପ୍ରଫୁଲ କୁମାର ପତି, ଅବଧୂତ ରାଉତ, ଦାମୋଦର ରାଉତ, ତ୍ରୀଲୋଚନ ମିଶ୍ର ଉପସ୍ଥିତ ଥିଲେ । ଶିକ୍ଷାବିତ୍ ନୃସିଂହ ଚରଣ ତ୍ରୀପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗ ଶିବିର

କେନ୍ଦ୍ରାପଡା,୦୮/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମୁହିକ ଯୋଗ ଶିବିର ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରସିଦ୍ଧ ଯୋଗ ଗୁରୁ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଶ୍ରୀ ଶ୍ରୀ ରବିଶଙ୍କର ମହାରାଜଙ୍କ ଆହ୍ୱାନ କ୍ରମେ ମାନବ ଜୀବନରେ ସୁସ୍ଥ ଶରୀର, ମାନବିକ ମୂଲ୍ୟବୋଧ, ପବିତ୍ର ଭାବନାର ଜାଗରଣ ସହ ଯୌଗିକ କ୍ରିୟା ଦ୍ୱାରା ଶରୀର ସହ ଆତ୍ମାକୁ ସଂଯୋଗ କରାଇ ବ୍ୟକ୍ତିତ୍ୱର ବିକାଶ ଘଟାଇବା ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାକୁ ଉତ୍ସାହିତ କରାଯାଇ ଶିବିରର ଆୟୋଜନ ହୋଇଥିଲା । ଏହି ଶିବିରିକୁ ଜିଲ୍ଲପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଯୋଗ ଗୁରୁ ଅଜୟ ରାଉତ ଓ ମାଇଁ ଭାରତର ଗୋଲି ତିରୁପତି ରେଡି ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ସ୍କୁଲ ଓ କଲେଜର ସମସ୍ତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ମାନପତ୍ର ପ୍ରଦାନ କରିଥିଲେ ।

## ଠିକାଦାର ସଂଘର ଜରୁରୀ ବୈଠକ ଅନୁଷ୍ଠିତ

ନୂଆପଡ଼ା,୦୮/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଠିକାଦାର ସଂଘ କାର୍ଯ୍ୟାଳୟରେ ଖଡ଼ିଆଳ, ସିନାପାଲି ଓ ବୋଡ଼େନ ବ୍ଲକ ଠିକାଦାର ସଂଘର ଏକ ଜରୁରୀ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ପ୍ରସନ୍ନ କୁମାର ମାହାନା ସଭାପତିତ୍ୱ କରିଥିବା ବେଳେ ବୈଠକରେ ନୂଆପଡା ଜିଲ୍ଲା ବ୍ୟତିତ ଅନ୍ୟ ସମସ୍ତ ଜିଲ୍ଲାର ଠିକାଦାର ମାନଙ୍କୁ କୌଣସି ଟେଣ୍ଡରରେ ଭାଗ ନନେଇ ନୂଆପଡା ଜିଲ୍ଲାର ଠିକାଦାର ମାନଙ୍କୁ ସହଯୋଗ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଓଡିଶାରେ ଥିବା ସମସ୍ତ ଠିକାଦାର ସଂଘର ନିଷ୍ପତିକୁ ଖଡ଼ିଆଳ ସଂଘ ସ୍ୱାଗତ କରୁଥିବା ବେଳେ ଖଡ଼ିଆଳ ସଂଘର ନିଷ୍ପତିକୁ ସମସ୍ତ ସଂଘ ସମର୍ଥନ କରିବାକୁ ଅନୁରୋଧ କରାଯାଇଥିଲା। ଏଥିରେ ସଂଘର ଅନ୍ୟାନ୍ୟ ଠିକାଦାର ଉପସ୍ଥିତ ଥିଲେ।

## ଦୁଇ ବାଲି ବୋଝେଇ ହାଇୱା ଜବତ

କେନ୍ଦୁଝର,୦୮/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡା ଫାଣ୍ଡି ପୁଲିସ୍ ଆଜି ସକାଳେ ସାହାରପଡା ପେଟ୍ରୋଲ ପମ୍ପ ନିକଟରୁ ଦୁଇଟି ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରିଛି । ଓଡ-୧୧-ଈ-୦୩୩୮ ଓ ଓଡ-୧୧-ଇଉ-୦୩୩୮ ନମ୍ବର ଥିବା ଦୁଇଟି ହାଇୱା ଗାଡ଼ି ଠାକୁରମୁଣ୍ଡାରୁ ସାହାରପଡାକୁ ବାଲି ନେଇ ଆସୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ସାହାରପଡା ଫାଣ୍ଡି ଅଧିକାରୀ ବାଲି ବୋଝେଇ ହାଇୱା ୨ ଗାଡ଼ିକୁ ଅଟକ ରଖି ଖଣି ବିଭାଗକୁ ସୂଚନା ଦିଆଯାଇଥିବା କହିଛନ୍ତି। କାଗଜ ପତ୍ର ଯାଂଚ୍ ବେଳେ ଗାଡିର କାଗଜପତ୍ର ଦେଖାଇ ନପାରିବାରୁ ପୁଲିସ ୨ ଗାଡିକୁ ଅଟକ ରଖିଛି। ହାଇୱାର ୨ ଚାଳକ ଠାକୁରମୁଣ୍ଡାର ଗୋପ ପରେଇ ଓ ମହୁଲଡିହାର ପଦ୍ମଲୋଚନ ମହାନ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ଦୁଇଟି ବାଲି ବୋଝେଇ ହାଇୱା ଗାଡିକୁ ଜବତ କରି ପାଟଣା ଥାନାକୁ ଆଣି ଘଟଣାର ତଦନ୍ତ ଚଳାଇଛି ।

## ବଲାଙ୍ଗିର ଗାୟତ୍ରୀ ପୀଠରେ ତ୍ରିବେଣୀ ଜନ୍ମ ଶତାବ୍ଦୀ ନେଇ ଜିଲ୍ଲା ସମନ୍ୱୟ ବୈଠକ

ବଲାଙ୍ଗିର,୦୮/୧୨ (ନି.ପ୍ର): ବଲାଙ୍ଗିର ଗାୟତ୍ରୀ ପୀଠରେ ତ୍ରିବେଣୀ ଜନ୍ମ ଶତାବ୍ଦୀ ନେଇ ଜିଲ୍ଲା ସମନ୍ୱୟ ବୈଠକ ଆଜି ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବଲାଙ୍ଗିର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ଗୁପ୍ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଂଯୋଜକ ବିଚିତ୍ର କୁମାର ସାହୁଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ତ୍ରିବେଣୀ ଜନ୍ମ ଶତବ୍ଦୀ ଅଖଣ୍ଡ ଦ୍ୱିପ ଶତବ୍ଦୀ ମାତା ଭଗବତୀ ଏବଂ ପରମପୂଜ୍ୟ ଗୁରୁଦେବ ପଣ୍ଡିତଙ୍କର ସାଧନାର ଶତବାର୍ଷିକ ଆଗାମୀ ୨୦୨୬ ଠାରୁ ୨୦୩୦ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ଶତାବ୍ଦୀ ଦେଶର ୫ଟି ଜାଗାରେ ୫ ବର୍ଷରେ ପାଳନ କରାଯିବ । ଏହି ଶତାବ୍ଦୀ ୨୦୨୬ ହରିଦ୍ୱାର ଠାରେ ପାଳନ କରାଯିବ । ୨୦୩୦ ଅନ୍ତିମ ଶତାବ୍ଦୀରେ ଦିଲ୍ଲୀରେ ପାଳନ କରାଯିବ । ୨୦୨୭-୨୮ ପୂର୍ବ ଭାରତରେ ପାଳନ କରାଯିବ । ଏହି କାର୍ଯ୍ୟକ୍ରମକୁ ଓଡିଶାରେ କରିବା ପାଇଁ ପ୍ରସ୍ତାବ ରହିଛି । ବଲାଙ୍ଗିର ଜିଲ୍ଲାରେ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା । କାର୍ଯ୍ୟକ୍ରମର ସଫଳତା ପାଇଁ ୪୦ ଦିନିଆ ଗାୟତ୍ରି ଅନୁଷ୍ଠାନ ୧ ଲକ୍ଷ ୨୫ ହଜାର ଜଣ ପାଇଁ ନାମ ତାଲିକା ଦେବ ସଂସ୍କୃତି ବିଶ୍ୱ ବିଦ୍ୟାଳୟରୁ ଇଣ୍ଟରସିପ୍ ପାଇଁ ଡିସେମ୍ବର ୧୫ ରୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ, ତୁଷୁରା, ପାଟଣାଗଡ ଇତ୍ୟାଦି ଅଂଚଳରେ ସେମାନେ କାମ କରିବେ । ଅଖଣ୍ଡ ଜ୍ୟୋତି ପତ୍ରିକା, ପ୍ରଜ୍ଞା ଅଭିଜାନ ପତ୍ରିକା ଗ୍ରାହକ ସଂଖ୍ୟା ବୃଦ୍ଧି କରିବା । ହରିଦ୍ୱାର ଠାରେ ଅନୁଷ୍ଠିତ ଜାନୁୟାରୀ ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ରୁ ୫୦ ଜଣ ଯିବା ପାଇଁ ନାମ ତାଲିକା ଘୋଷଣା କରାଗଲା । ଶତାବ୍ଦୀ ବର୍ଷର ଯୋଜନା ଅନୁସାରେ ବୃକ୍ଷ ରୋପଣ, ସଂସ୍କାର କାର୍ଯ୍ୟକ୍ରମ, କନ୍ୟା କୋଶର କୌଶଳ ଯୋଜନା, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା, ନାରୀ ଜାଗରଣ, ଯୁବା ଯୋଜନା, ଯଜ୍ଞ ଓ ମଣ୍ଡଳ ଗଠନ ଇତ୍ୟାତି ଗଠନ କରାଗଲା।

ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଛବିଳ ବଗର୍ତି। ଉପସ୍ଥିତ ଥିଲେ ଶାନ୍ତନୁ ପାତ୍ର, ଜଗଦିଶ କେଡିଆ, ବୀଣାପାଣି ଆଚାର୍ଯ୍ୟ, ଯୁଗଲ କିଶୋର ଝା, ବିହାରୀ ଗଡତ୍ୟା, ନିମାଇ ତାଣ୍ଡି, ମୀନ କେତେନ ମେହେର, ଟଙ୍କ କୁମ୍ଭାର, ମୋହନ ଅଗ୍ରୱାଲ, ସୁବାଷ ଅଗ୍ରୱାଲ ପ୍ରମୁଖ।

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE
E-mail – eelidvnbls@yahoo.com
e - Procurement Notice
Bid Identification No: 05/2025-26 /DT. 05.12.2025

1. Name of the Tender inviting Officer-Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work- Installation, Energisation of 155 nos. (New BKVY - 155 nos.) CLIP in Sadar, Remuna, Nilagiri, Oupada, Bahanaga, Soro, Khaira & Simulia Block of Balasore District.
3. No. of Package:- 155 Nos. (BKVY – 2025-26)
4. Cost of Tender Amount :- Varies from Rs.27,36,173/- to Rs.33,50,122/-
5. Date and time of availability of bid document in portal for on-line biding from 11.12.2025 at.11.00 hrs to dated.23.12.2025 at 17.00 hrs.
6. Last date and time of receipt of bid in the portal dated 23.12.2025 upto 17.00 hrs.
7. Last date & time to seek clarification dated 22.12.2025 upto 17.00 hrs.
8. Date of opening of Technical bid (Cover-1) dated 24.12.2025 at 11.00 hrs.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt. of Odisha i.e.www.tenderodisha.gov.in.
11. Subsequent Corrigendum/addendum/Cancellation if required shall be available in above portal.

OIPR: 32150/11/0007/2526

-Sd-
Er. S.C. Munda
Executive Engineer,
L.I. Division, Balasore

# ମିଛ ପାଲଟିଲା ସରକାରଙ୍କ ଘୋଷଣା: ୯୫ ପ୍ରତିଶତ ଭିନ୍ନକ୍ଷମ କନ୍ୟା ମଙ୍ଗୁଳି ମାସକୁ ପାଉଛନ୍ତି ୧୨୦୦ ଟଙ୍କା ଭତ୍ତା

ଉଦଳା, ୦୮/୧୨ (ନି.ପ୍ର): ଯେ ହେଉଛି ମୟୂରଭଂଜର ଶୁଳିଆପଦା ବ୍ଲକ ଅନ୍ତର୍ଗତ କାଳିଆଶୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଫାଗୁ ମାର୍ଣ୍ଡିଙ୍କ ୩୦ ବର୍ଷ ବୟସର ଭିନ୍ନକ୍ଷମ କନ୍ୟା 'ମଙ୍ଗୁଳି'ଙ୍କୁ ବର୍ତମାନ ସରକାର ୧୨୦୦ଟଙ୍କା ଭତା ପ୍ରଦାନ କରୁଛନ୍ତି । 'ମଙ୍ଗୁଳି'ଙ୍କୁ ଡ଼ାକ୍ତର ୯୫ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ସରକାର ମାସିକ ୩୫୦୦ ଟଙ୍କା ଭତା ପ୍ରଦାନ କରୁଛନ୍ତି ବୋଲି ଯାହା ସରକାରି ବାବୁ ମାନେ ଢ଼ୋଲ ପିଟୁଛନ୍ତି ତାହା ମିଛ ବୋଲି ଏଥିରୁ ବେଶ ସ୍ପଷ୍ଟ ହୋଇ ଯାଇଛି । ତାଛଡ଼ା ଏ ଅଂଚଳରେ ଆଦିବାସି ଲୋକଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା



ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଜିଲ୍ଲାର ସଦର ମହକୁମା ବାରିପଦା ଠାରେ ରହିଛି । 'ମଙ୍ଗୁଳି' ଜଣେ ଆଦିବାସୀ ସମ୍ପ୍ରଦାୟର କନ୍ୟା ହୋଇଥିବା ବେଳେ ଏଠାରେ କାର୍ଯ୍ୟରତ ପ୍ରକଳ୍ପ ପ୍ରଶାସକ କାହିଁକି ଚୁପ ମାରି ବସିଛନ୍ତି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ସେହିପରି ଉକ୍ତ ପରିବାରକୁ ଖାଦ୍ୟ ଯୋଜନାରେ ମାସିକ ମୁଣ୍ଡପିଛା ୫ କିଗ୍ରା ଚାଉଳ ପ୍ରଦାନ କରାଯାଉଛି । ତେବେ ଏହି ପରିବାରକୁ ଅନ୍ତଦ୍ୱୟ କାର୍ଡ଼ ପ୍ରଦାନ କରି ମାସିକ ୩୫ କିଗ୍ରା ଚାଉଳ ସହ 'ମଙ୍ଗୁଳି'ଙ୍କୁ ୩୫୦୦ଟଙ୍କା ଭତା ପ୍ରଦାନ କରିବାକୁ ବହୁ ସ୍ୱେଚ୍ଛାସେବି ଦାବି ଜଣାଇଛନ୍ତି । ଜିଲ୍ଲା ପ୍ରଶାସନ ଏ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବାକୁ ମଧ ବହୁ ଲୋକ ଅନୁରୋଧ ଜଣାଇଛନ୍ତି ।

# ଇଲେକ୍ଟୋରାଲ ଲିଟିରେସୀ କ୍ଲବ ଦ୍ୱାରା ଏସଭିଇଇପି କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୦୮/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମିତ୍ରପୁର ସ୍ଥିତ ସ୍ୱର୍ଣ୍ଣଚୁଡ଼ ମହାବିଦ୍ୟାଳୟ, ଠାରେ ଆଜି ଦିବା ୧୦ଘଟିକା ସମୟରେ ନୀଳଗିରି ନିର୍ବାଚନ ମଣ୍ଡଳୀ - ୪୦ର ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଇଲେକ୍ଟୋରାଲ ଲିଟିରେସୀ କ୍ଲବ ଦ୍ୱାରା ଏକ ଏସ.ଭି. ଇ. ଇ. ପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନିଜନିଜର ନାମ ଇ.ସି.ଆଇ.ଏନ.ଇ.ଟି ଆପ ବ୍ୟବହାର କରି ଇ- ଇପିକ ଜରିଆରେ କେଉଁ ଫର୍ମପୂରଣ କରି ଡାଉନଲୋଡ କରିପାରିବେ ସେ ବିଷୟରେ ଅବଗତ କରିଥିଲେ। ଏଥିରେ ଛତ୍ରଛାତ୍ରୀମାନେ ଉତ୍ସାହର ସହିତ ସାମିଲହୋଇ ନିଜନିଜର ନାମ ତାଲିକାଭୁକ୍ତ କରି ଆସନ୍ତା ନିର୍ବାଚନରେ ମତଦାନ ଲକ୍ଷ୍ୟରେ ସହାୟକ ହେବାପାଇଁ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ରଞ୍ଜନ କୁମାର ସେନାପତି, ସ୍ୱର୍ଣ୍ଣଚୁଡ଼ ମହାବିଦ୍ୟାଳୟ ମିତ୍ରପୁରର ଅଧକ୍ଷ, ଅଧାପକ/ଅଧାପିକା, ଛତ୍ର/ ଛାତ୍ରୀ, କ୍ଲବର କର୍ମକର୍ତ୍ତା ଏବଂ ଉପଜିଲ୍ଲାପାଳ ଙ୍କ ନିର୍ବାଚନ ବିଭାଗୀୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଲୋକସଭାରେ ବନ୍ଦେ...

ସେମାନେ ବନ୍ଦେ ମା'ତରମ ନାରା ଦେଇ ବ୍ରିଟିଶଙ୍କ ବିରୋଧରେ ଏକାଠି ଲଢ଼ିଥିଲେ। ବନ୍ଦେ ମାତରମ କେବଳ ଗୋଟିଏ ରାଜନୀତିକ ସ୍ୱାଧୀନ ମନ୍ତ୍ର ନଥିଲା, ବରଂ ଏହା ଗୋଟିଏ ପବିତ୍ର ଯୁଦ୍ଧ ଧ୍ୱନୀ ଥିଲା। ଭାରତ ମାତାକୁ ଔପନିବେଶବାଦରୁ ମୁକ୍ତ ପାଇଁ ଏହା ଆହ୍ୱାନ ଦେଇଥିଲା। ବେଙ୍ଗଲର ବିଭାଜନ ବେଳେ ବନ୍ଦେ ମାତରମ ଗୋଟିଏ ପଥର ଭାବେ ଛିଡ଼ା ହୋଇଥିଲା। ବନ୍ଦେ ମାତରମ ଏମିତି ଏକ ମନ୍ତ୍ର ଓ ନାରେ ଯାହା ଶକ୍ତି, ପ୍ରେରଣା ଓ ବଳିଦାନର ମାର୍ଗକୁ ଦର୍ଶାଏ। ବ୍ରିଟିଶ ଶାସକମାନେ ସେମାନଙ୍କ ସ୍ଲୋଗାନ 'ଗଡ ସେଭ ଦ କୁଇନ'କୁ ପ୍ରତିଟି ଘରେ ପହଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ବନ୍ଦେ ମାତରମ ଲେଖାଯାଇଥିଲା। ସମସ୍ତ ଭାରତୀୟଙ୍କ ପାଇଁ ବନ୍ଦେ ମା'ତରମ ଗୋଟିଏ ଟର୍ଣ୍ଣିଂ ପଏଣ୍ଟ ସାଜିଥିଲା। ବନ୍ଦେ ମା'ତରମରୁ ମିଳିଥିବା ପ୍ରେରଣା ଯୋଗୁ ବ୍ରିଟିଶଙ୍କ ଠାରୁ ଭାରତ ସ୍ୱାଧୀନତା ପାଇଥିଲା। ଲକ୍ଷାଧିକ ଲୋକ ବନ୍ଦେ ମାତରମ ନାରା ଦେବା ଦେଇଥିଲେ ଓ ସ୍ୱାଧୀନତା ପାଇଁ ଲଢ଼ିଥିବାରୁ ଆଜି ଆମେ ଏଠାରେ ବସିଛୁ। ସ୍ୱାଧୀନତା ସଂଗ୍ରାମ ବେଳେ ବନ୍ଦେ ମା'ତରମର ମନ୍ତ୍ର ପୂରା ଦେଶକୁ ଶକ୍ତି ଓ ପ୍ରେରଣା ଯୋଗାଇଥିଲା। ଆମେ ବନ୍ଦେ ମା'ତରମର ୧୫୦ତମ ବର୍ଷ ପୂର୍ତ୍ତି ପାଳନ କରିବା ଗୋଟିଏ ଗର୍ବର ମୁହୂର୍ତ୍ତ।"

### ମାଲକାନାଗିରିରେ ...

ବଙ୍ଗୀୟଭାଷୀ ରହୁଥିବା ଏମ୍ଭି ୨୬ ଗାଁରେ ୨ ଦିନର ହିଂସା ପରେ, ଶାନ୍ତି ଶୋଭାଯାତ୍ରା କରିବା ସହ ଜିଲ୍ଲାପାଳ ଓ ଡିଆଇଜିଙ୍କୁ ଭେଟିଛି ବଙ୍ଗୀୟ ସମାଜ । ସେପଟେ ଗାଁରେ ପହଞ୍ଚି ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ବିଭିନ୍ନ ଆଦିବାସୀ ନେତା । ବିଏନ୍ଏସ୍-୧୬୩ ଧାରା ଲାଗୁ ହେବା ସହ ଫ୍ଲାଗମାର୍ଚ୍ଚ ହୋଇଛି । ୨୪ ଘଣ୍ଟା ପାଇଁ ମାଲକାନଗିରି ଜିଲ୍ଲାରେ ଇଣ୍ଟରନେଟ୍ କଟକଣା ଲାଗିଛି । ରାଖାଲଗୁଡ଼ାର ମୃତ ମହିଳାଙ୍କ ହତ୍ୟାକାରୀ ଚିହ୍ନଟ ହେବା ସହ, ୨ ଜଣଙ୍କୁ ଅଟକ ରଖିଛି ପୁଲିସ । ହତ୍ୟାରେ ବ୍ୟବହୃତ ଅସ୍ତ୍ର ଓ ପଥର ବି ଜବତ ହୋଇଛି । ସେପଟେ କଟାମୁଣ୍ଡ ଖୋଜିବା ପାଇଁ ଓଡ୍ରାଫ ଟିମ୍ ପୋଟେରୁ ନଈରେ ତନାଘନା ଜାରି ରଖିଛି ।

# ୩୧ ତମ ସର୍ବଭାରତୀୟ ଟି - ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୦ ତାରିଖରୁ ଆରମ୍ଭ

ବାରିପଦା , ୦୮/୧୨ (ନି.ପ୍ର): ସ୍ଥାନୀୟ କନଭେଣ୍ଟ ସ୍କୁଲ ଛକ ନିକଟସ୍ଥ ଲେଟ କଟ କ୍ଲବ ଆନୁକୂଲ୍ୟରେ ୩୧ ତମ ସର୍ବଭାରତୀୟ ଟି - ଟ୍ୱେଣ୍ଟି ଡ଼ିଉଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଅଛି ଓ ଏହି ଅବସରରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜନ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ସାଧାରଣ ସମ୍ପାଦକ ଦୀପକ କୁମାର ଦାଶ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ,




ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ନରୋତ୍ତମ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପଲବିନ୍ଦର ସିଂହ, ଅଜୟ ସିଂହ, ବିନୟ ଷଡ଼ଙ୍ଗୀ, ଦିବ୍ୟ ଲୋଚନ ଦାସ, ଗୌରବ ମହାନ୍ତି, ସୁବ୍ରତ ଲେଙ୍କା, ସମରଜିତ ଗୋସ୍ୱାମୀ, ମାନସ ମହାନ୍ତ, ରୋହିତ ଜେନା, ଦିପାନ ମାଇତି ଓ ଶାନ୍ତନୁ କର ଉପସ୍ଥିତ ଥିଲେ ଓ ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଖଡ଼ଗପୁରର ସେର୍ସା, କୋଲକାତାର ଏଲ ଆର ଏସ ଏକାଡେମୀ, ଆନ୍ଧ୍ରପ୍ରଦେଶର ଇଷ୍ଟ କୋଷ୍ଟ ରେଲୱେ, ରାଞ୍ଚିର ସେର୍ସା, ଝାଡ଼ଖଣ୍ଡର ଟାଟା ଲିଓ, ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟାର୍ସ, ସମ୍ବଲପୁରର ଏମ ଏମ ସି ସି, ଭୁବନେଶ୍ୱରର ଟି ସି ସି, ରାଉରକେଲାର ଆର ସି ଏ ଓ ବାରିପଦାର ଡି ଆର କେ ସମେତ ମୋଟ ୧୦ ଟି ଦଳ ଅଂଶଗ୍ରହଣ କରିଛନ୍ତି ଓ ପ୍ରତ୍ୟେକ ଦିନ ସକାଳ ୯ଟା ରୁ ଖେଳ ଆରମ୍ଭ ହେବା ସହ ୨ ଟି ମ୍ୟାଚ ଖେଳାଯିବ ତଥା ୧୪ ତାରିଖ ଦିନ ୧୨ ଟା ବେଳେ ଫାଇନାଲ ମ୍ୟାଚ ଖେଳାଯିବ ଓ ପ୍ରଥମ ଦିନର ୧ମ ମ୍ୟାଚ ଡି ଆର କେ ଓ ଟାଟା ଲେଓ ଏବଂ ୨ୟ ମ୍ୟାଚ ରାଞ୍ଚି ଓ ରାଉରକେଲା ମଧ୍ୟରେ ଖେଳାଯିବ ଓ ପୁରସ୍କାର ସ୍ୱରୂପ ଚମ୍ପିୟାନ ଦଳକୁ ୧ ଲକ୍ଷ ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୭୦ ହଜାର ଓ ଟ୍ରଫି ପ୍ରଦାନ କରାଯିବ ଓ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବାକୁ ଟୁର୍ଣ୍ଣାମେଣ୍ଟର ସଭାପତି ଗିରିଶ ଚନ୍ଦ୍ର ଦାସ ଅନୁରୋଧ କରିଛନ୍ତି ।

# ବିଜେପି ବ୍ରାହ୍ମଣଦା ପଞ୍ଚାୟତରେ ଆତ୍ମନିର୍ଭର ସଙ୍କଳ୍ପ ସଭା

ବସ୍ତା , ୦୮/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ ରେ ସାରା ଭାରତ ବର୍ଷରେ ବିଜେପି ତରଫରୁ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ଜାଗରଣ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ବିଜେପି କର୍ମୀ ମାନେ ଘର ଘର ବୁଲି ବିଦେଶୀ ବସ୍ତୁ କୁ ପରିତ୍ୟାଗ କରି ସ୍ୱଦେଶୀ ପଦାର୍ଥ କ୍ରୟ କରିବା ପାଇଁ ପ୍ରବର୍ତାଉଛନ୍ତି। ସ୍ଥାନୀୟ କାରିଗର କୁ ପ୍ରୋତ୍ସାହିତ କରିବା ପାଇଁ 'ଭୋକାଲ ଫର ଲୋକାଲ' ନୀତି କୁ ଗୁରୁତ୍ୱ ଦେବାପାଇଁ ଅନୁରୋଧ କରୁଛନ୍ତି। ଏହି ପ୍ରରିପ୍ରେକ୍ଷୀ ରେ ଦରଡା ମଣ୍ଡଳର ବ୍ରାହ୍ମଣଦା ପଞ୍ଚାୟତ ତରଫରୁ ଏକ ବିରାଟ କର୍ମୀ ସମ୍ମିଳନୀ ସଭାପତି କମଳାକାନ୍ତ ବେହେରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ



ଯୋଗଦେଇ ପୂର୍ବତନ ବିଧାୟକ ପ୍ରାର୍ଥୀ ଶ୍ୟାମାପ୍ରସାଦ ବେହେରା ଉପସ୍ଥିତ ସଦସ୍ୟ ମାନଙ୍କୁ ମୋଦୀଙ୍କ ବାର୍ତ୍ତା ଓ ଉନ୍ନୟନ କାର୍ଯ୍ୟ କୁ ଗ୍ରାମାଞ୍ଚଳ ର ସମସ୍ତ ବ୍ୟକ୍ତି ଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ସୁଶୀଲ ବେହେରା, 'ମନକୀ ବାତ' ପ୍ରମୁଖ କୃଷ୍ଣଚନ୍ଦ୍ର ଦତ୍ତ, ପୂର୍ବତନ ମଣ୍ଡଳ ସଭାପତି ସୁଶାନ୍ତ ପ୍ରଧାନ, ଜନ୍ମେଜୟ ଦାସମହାପାତ୍ର, ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ରାଜେନ କୁମାର ପରିଡା, ଧିରେନ କୁମାର ସେଠୀ, ପୂର୍ବତନ ସରପଂଚ ବିଶ୍ୱନାଥ ସିଂ, ଗୋକୁଳାନନ୍ଦ ଜେନା, ମହିଳା ମୋର୍ଚ୍ଚା ସଭାପତି ବିଣାପାଣି ଦାସ ଅଧିକାରୀ,ଆକାଶ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତ ର ନୂତନ କମିଟି ଗଠନ କରିବା ପାଇଁ ନାମ ଗୁଡିକ ସୁପାରିଶ ପାଇଁ ମଣ୍ଡଳ ସଭାପତି ଙ୍କୁ ଅର୍ପଣ କରାଯାଇଥିଲା। ଜିଲ୍ଲା ସଭାପତିଙ୍କ ସ୍ୱୀକୃତି ପରେ ତାହା ଘୋଷଣା କରାଯିବ।

# ସୁନାବିସ୍କୁଟ ପ୍ରଲୋଭନ ଦେଖାଇ ୪ଲକ୍ଷ ଟଙ୍କା ଠକେଇ: ୬ ଗିରଫ

ନୀଳଗିରି, ୦୮/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ସୁନାବିସ୍କୁଟ ପ୍ରଲୋଭନ ଦେଖାଇ ପୁରୀ ବ୍ରହ୍ମଗିରି ଅଞ୍ଚଳର ଜୈନିକ ଶିକ୍ଷକଙ୍କ ଠାରୁ ୪ଲକ୍ଷ ଟଙ୍କାର ଠକେଇ ହୋଇଛି। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି ନୀଳଗିରି ପୋଲିସ। ଅଭିଯୁକ୍ତଙ୍କଠାରୁ ୩ ଲକ୍ଷ ୨୯ ହଜାର ଟଙ୍କା ସହ ୫ଟି ମୋବାଇଲ ଓ ୨ଟି ବାଇକ୍ ଜବତ ହୋଇଛି। ଏହି ଘଟଣାରେ ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି ଏବଂ ସୋର ଅଞ୍ଚଳରୁ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଗ୍ରୁପ ଅତିଚତୁରତାର ସହ ସୁନାବିସ୍କୁଟ ପ୍ରଲୋଭନଦେଖାଇ ପୁରୀ ବ୍ରହ୍ମପୁର ଅଞ୍ଚଳର ଜଣେ ଶିକ୍ଷକଙ୍କୁ ସୁନାବିସ୍କୁଟ ଦେବାନାମରେ ତାଙ୍କୁ ନୀଳଗିରି ଅଞ୍ଚଳକୁ ଡକାଇ ନକଲି



ସୁନାବିସ୍କୁଟ ଦେଖାଇବା ସହ ତାଙ୍କମନରେ ବିଶ୍ୱାସଜନ୍ମାଇ ଡିଲ୍ କରିଥିଲେ। ପରେ କ୍ରେତାଶିକ୍ଷକଙ୍କ ଠାରୁ ମାରଣାସ୍ତ୍ର ଦେଖାଇ ୪ଲକ୍ଷ ଟଙ୍କା ଜୋର୍ ଜବରଦସ୍ତ ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଗତକାଲି ରବିବାର ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୫୨୦/୨୫) ରୁଜୁ କରି ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନକରି ଖୋଳତାଡ଼ ଆରମ୍ଭ କରିଥିଲେ ।ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମାଷ୍ଟରମାଇଣ୍ଡ୍ ସହ ୫ଜଣ ସହଯୋଗୀଙ୍କୁ ଉଠାଇ ଆଣିଥିଲା ନୀଳଗିରି ପୋଲିସ। ଆଜି ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଥିବା ବେଳେ ଏହି ଠକେଇ ମାମଲାରେ ଅଧିକବ୍ୟକ୍ତି ସମ୍ପୃକ୍ତଥିବା ସନ୍ଦେହରେ ଅଧିକ ଖୋଳତାଡ଼ ଜାରି ରହିଛି

# ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଜାନୁଆରୀ ୭ରୁ

ଜଳେଶ୍ୱର, ୦୮/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ପଶ୍ଚିମବାଡ ସମେତ ଆଖପାଖ ୫ ରୁ ଉର୍ଦ୍ଧ୍ୱ ପଞ୍ଚାୟତ ବାସୀ ଙ୍କ ପାଇଁ ଏକଦା ଭାଇଚାରା ର ଉତ୍ସବ କୁହାଯାଉଥିବା ପଶ୍ଚିମବାଡ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଆସନ୍ତା ଜାନୁଆରୀ ୭ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଉଦଯାପିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ଏକ ପ୍ରେସ ବିବୃତିରେ ଘୋଷଣା କରାଯାଇଛି। ଗତକାଲି ସନ୍ଧ୍ୟାରେ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପଶ୍ଚିମବାଡ ସ୍ଥିତ ଦେବକୁମାର ଗୋଠଣା ହାଟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ପଶ୍ଚିମବାଡ ସମବାୟ ସମିତି ର ପ୍ରାକ୍ତନ ସଭାପତି ରମେଶ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ ।ବୈଠକରେ ବିଜେପି ନେତା ତଥା ପ୍ରାକ୍ତନ ବ୍ଲକ ଉପାଧକ୍ଷ ବ୍ରଜମୋହନ ପ୍ରଧାନ, ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଓଷ୍ଟା ର ଜଳେଶ୍ୱର ମଣ୍ଡଳ ସଭାପତି ସୁକୁମାର ମିଶ୍ର, ପ୍ରାକ୍ତନ ସରପଞ୍ଚ ରବିନ୍ଦ୍ର ରାୟ, ଚନ୍ଦନ କୁମାର ଜେନା, ଅନନ୍ତ ଜେନା, କରାମତ୍ ଅଲ୍ଲୀ ସାହା, ହରେନ୍ଦ୍ର ଜେନା, ମଦନ ମୋହନ ପାତ୍ର, ରବିନ୍ଦ୍ର ପ୍ରଧାନ, ମହମ୍ମଦ ହୋସେନ, ବାପୁଜୀ ଦାସ, ଶମ୍ଭୁନାଥ ଜେନା, ହରିଶ୍ଚନ୍ଦ୍ର ମହାଳିକ, ରାଜେନ୍ଦ୍ର କର, ପ୍ରଦୀପ ମହାନ୍ତି, ସୁର୍ଯ୍ୟ କୁମାର ମିଶ୍ର, ସେକ ହଜିବୁଲ, ରବିନ୍ଦ୍ର ପାଳ, ସେକ ରାଜୁଦ୍ଦିନ ଙ୍କ ସମେତ ଅନ୍ୟ ବହୁ ଗ୍ରାମବାସୀ ଉପସ୍ଥିତ ହୋଇ କରୋନା ଠାରୁ ବନ୍ଦ ରହିଥିବା ଏହି ମହୋତ୍ସବକୁ ଚଳିତବର୍ଷ ପୁଣି ଜାକଜମକରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ ।ପାଞ୍ଚ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ରେ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ,ସାରସ୍ୱତ ସାଧକ, ଅଭିନେତା, ଅଭିନେତ୍ରୀ ଓ ପ୍ରଶାସନିକ ଅଧିକାରୀ ଙ୍କୁ ଯୋଗଦେବାକୁ ନିମନ୍ତ୍ରଣ କରାଯିବ।

# ରାଜ୍ୟସ୍ତରୀୟ କବ୍ ବୁଲବୁଲ ଉତ୍ସବରେ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା

ବାଲେଶ୍ୱର, ୦୮/୧୨ (ନି.ପ୍ର): ଭାରତ ସ୍କାଉଟ୍ ଗାଇଡ, ଓଡ଼ିଶାଙ୍କ ଆନୁକୁଲ୍ୟରେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ୟୁନିଟ-୩ ଭୁବନେଶ୍ୱର ଠାରେ କବ ବୁଲବୁଲ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ବାଲେଶ୍ୱର ର ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୫ ଜଣ କବ ବୁଲବୁଲ ଯୋଗ ଦେଇଥିଲେ। ସେଠାରେ ବିଦ୍ୟାଳୟର ଗୁରୁମା ଲୋପାମୁଦ୍ରା ପ୍ରଧାନ ଏବଂ ଗୁରୁଜୀ ବସନ୍ତ କୁମାର ଘଡ଼ିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ୬ଟି ଟ୍ରଫି ସହ ୭ଟି ସ୍ୱର୍ଣ୍ଣ ପଦକ ଜିତି ବିଦ୍ୟାଳୟର ଗୌରବ ବୃଦ୍ଧି



କରିଛନ୍ତି । ଭୁବନେଶ୍ୱରରୁ ଫେରିବା ପରେ ବିଦ୍ୟାଳୟର ଉପସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ପିଲାଙ୍କୁ ସ୍ୱାଗତ ଜଣାଇଥିଲେ । ସମସ୍ତଙ୍କର ଖୁସିକୁ ଦ୍ୱିଗୁଣିତ କରିଦେଇଥିଲେ। ତତ୍ ସଙ୍ଗେ ସଙ୍ଗେ ବିଦ୍ୟାଳୟର ସଭାପତି ଭବେନ୍ଦ୍ର କୁମାର ରାଉତ ଏବଂ ପ୍ରଧାନ ଆଚର୍ଯ୍ୟା ମିନତୀ ରାଣୀ ନାୟକ ବିଦ୍ୟାଳୟ ବୌଦ୍ଧିକ ମଣ୍ଡପରେ ସମସ୍ତ କୃତି କବ୍ ବୁଲବୁଲଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ଶୁଭ ଆଶୀର୍ବାଦ ପ୍ରଦାନ କରି ସେମାନଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ ।

# ଯାତ୍ରା ହାସ୍ୟ ଅଭିନେତା ଗୁରୁ ପୃଷ୍ଟିଙ୍କ ମୃତ୍ୟୁରେ ଶୋକ

ଭଦ୍ରକ, ୦୮/୧୨ (ନି.ପ୍ର): ଗତ କାଲି ରାତିରେ ଯାତ୍ରାରେ ଅଭିନୟ କରି ସମସ୍ତଙ୍କୁ ହସାଇବା ପାଇଁ ଯାଉଥିଲେ ଜଣେ ଯାତ୍ରା କେମେଡିଆନ। କିନ୍ତୁ ମଝି ରାସ୍ତାରେ ସଡ଼କ ଦୁର୍ଘଟଣା ରେ ଚାଲିଗଲା କଳାକାର ଙ୍କ ଜୀବନ। ଏଭଳି ଦୁଖଦଃ ଘଟଣା ଦେଖା ଯାଇଛି ଭଦ୍ରକ ଡାକ୍ତରଖାନାରେ। ଗତକାଲି ରାତି ପ୍ରାୟ ୮ ଟା ରେ ଯାତ୍ରା ଇନ୍ଦ୍ରଭୁବନ ପାର୍ଟି ର କମେଡିଆନ ଗୁରୁ ପୁଷ୍ଟି ଭଦ୍ରକ ର ଜଣେ ସମ୍ପର୍କୀୟ ଙ୍କ ଘରକୁ ଆସି ଯାତ୍ରା କେମ୍ପ ପଡି ଥିବା ଧାମନଗର ବ୍ଲକ ଷଣ୍ଡ ପୁର ଅଭିମୁଖେ ଅଭିନୟ କରିବା ପାଇଁ ଏକ ମୋଟର ସାଇକେଲ ରେ ଫେରୁ ଥିଲେ। ତେବେ ୧୬ ନମ୍ବର ଜାତୀୟ ରାଜପଥ ର ବିଷ୍ଣୁ ପୁର କେନାଲ ଛକ ନିକଟ ରେ ଛିଡା ହୋଇଥିବା ଏକ ଡ଼ମ୍ଫରକୁ ପଛ ରୁ ତାଙ୍କ ମୋଟର ସାଇକେଲ ଅନ୍ୟ ମନସ୍କ ଯୋଗୁଁ ଧକ୍କା ଦେଇଥିଲା। ଧାମନଗର ପୋଲିସ ଭଦ୍ରକ ଜିଲ୍ଲା ହସ୍ପିଟାଲ ରେ ଭର୍ତି କରାଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଆଦିବାସୀ ମହୋତ୍ସବ 'ଆଞ୍ଚଳିକ ସମ୍ବାଦ' ଆୟୋଜିତ

ଲଙ୍ଗଳେଶ୍ୱର, ୦୮/୧୨ (ନି.ପ୍ର): ଆଦିବାସୀ ପରମ୍ପରା, ସଂସ୍କୃତି ଓ ଐତିହ୍ୟକୁ ଆହୁରି ସୁଦୃଢ଼ କରିବା ତଥା ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଆଜି ବାଲିଆପାଳ ବ୍ଲକ ଦଉଲା ପଞ୍ଚାୟତଠାରେ ଆଦିବାସୀ ମହୋତ୍ସବ 'ଆଞ୍ଚଳିକ ସମ୍ବାଦ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୧୬୦ ଜଣ ଆଦିବାସୀ ନେତୃ ବୃନ୍ଦ ଯୋଗ ଦବା ସହ ଏଥିରେ ଦକ୍ଷତା ବିକାଶ, ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା , ତମାଖୁ ସେବନ ଓ ମଦ୍ୟ ପାନର ହାନିକାରକ ପ୍ରଭାବ ଆଦି ବିଭିନ୍ନ ପ୍ରସଙ୍ଗରେ ଆରଲାଚନା କରାଯାଇଥିଲା। ଏହି ଅବସରରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିଲେ । ସଧାରଣ




ଜନତା ଓ ପ୍ରଶାସନ ମଧରେ ଯୋଗା ଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ତଥା ବିଭିନ୍ନ ସରକାରୀ ଯୋଜନାର ସହଜ ଉପଲବ୍ଧି ଉପରେ ମଧ ଏଠାରେ ଆଲୋଚନା କରାଯାଇଥିଲା। ଏଥିରେ ଆଦିବାସୀ ଭାଷା 'ଅଲିଚିକି' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରେ ଆଦିବାସୀ ସଂସ୍କୃତି ଉପରେ ଆଧାରିତ ଏକ ଚଳଚ୍ଚିତ୍ର ମଧ ପ୍ରଦର୍ଶିତ କରାଯାଇଥିଲା। କାଯ୍ୟକ୍ରମରେ ଦଉଲା ଗ୍ରାମ ପଞ୍ଚାୟତର ସରପଞ୍ଚ ସରୋଜ କୁମାର ପିଲା ଯୋଗ ଦଇ ଏହାର ଉଚ୍ଚ ପ୍ରଶଂସା କରିଥିରଲ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେସନ ବାଲିଆପାଳ ୟୁନିଟ୍ ମୁଖ୍ୟ ପ୍ରମୋଦ ପାତ୍ର ଅତିଥି ମାନଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧନା ଜଣାଇଥିଲେ । ଏଥିରେ ସୁବର୍ଣ୍ଣ ରେଖା ବନ୍ଦର ପ୍ରକଳ୍ପର ପ୍ରଶାସନିକ ମୁଖ୍ୟ ବିରଜା ଦାସ ଓ ଭୂ ଅର୍ଜନ ଅଧିକାରୀ ଧର୍ମେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅବସରରେ ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା

ବାରିପଦା , ୦୮/୧୨ (ନି.ପ୍ର): ସ୍ଥାନୀୟ ପାଲବାଣୀ ସ୍ଥିତ ଲେଡି ହେମିଲଟନ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟୀୟ ଆବିଷ୍କାର ଅଭିଯାନ ଅବସରରେ ବାରିପଦା ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀ ଚୌଧୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ବ୍ରଜମୋହନ ମୁର୍ମୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିନାରାଣୀ ପାତ୍ର ଉପସ୍ଥିତ ଥିଲେ




ଓ ସିନିୟର ବିଭାଗରେ ପୋଲିସ ଉଚ୍ଚ ବିଦ୍ୟାଳୟର ରିତେଶ ଦ୍ୱାରୀ ୧ମ ଓ ଶେଖ ଅବଦୁଲ ଆୟନ ରାୟ ୨ୟ, ଏମ ପି କେ ଉଚ୍ଚ ବିଦ୍ୟାଳୟର ଶ୍ରଦ୍ଧା ସୁମନ ଜେନା ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଜୁନିୟର ବିଭାଗରେ ବି ସି ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭୂମି କଲିଆ, ଲେଡି ହେମିଲଟନ ଉଚ୍ଚ ବିଦ୍ୟାଳୟର ମହେଶ୍ୱର ପ୍ରଧାନ ୨ୟ, ବି ସି ପୁର ଉଚ୍ଚ ବିଦ୍ୟାଳୟର ଅମ୍ବିକା ନାଏକ ୩ୟ ଏବଂ ସବ ଜୁନିୟର ବିଭାଗରେ ଲେଡି ହେମିଲଟନ ଉଚ୍ଚ ବିଦ୍ୟାଳୟର ତୀର୍ଥ ଦ୍ୱିତୀ କୃତିସୁନ୍ଦର ମହାନ୍ତ ୧ମ, ତୁଳସୀଚଉରା କଲୋନୀସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରୟାସ କୁମାର ଜେନା ୨ୟ ଓ ବି ସି ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆୟୁଷ ନାଏକ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଓ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମନୋଜ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

ମଙ୍ଗଳବାର, ଡିସେମ୍ବର ୦୯, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବଡକୁଳ ଗ୍ରାମ ପଞ୍ଚାୟତ ପ୍ରଶାସନିକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୦୮/୧୨ (ନି.ପ୍ର): ପଲ୍ଲୀରେ ପ୍ରଶାସନ ଜିଲ୍ଲା ପ୍ରଶାସନ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଚିଲିକା ବ୍ଲକ ଅନ୍ତର୍ଗତ ବଡ଼କୁଳ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜନ ଶୁଣାଣି ଶିବିର ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର , ତହସିଲଦାର, କାହ୍ନୁ ଚରଣ ଘଡ଼ାଇ, ଚିଲିକା ପଂଚାୟତ ସମିତି ଅଧକ୍ଷା ମୋନାଲିସା ବେହେରା, ଉପାଧକ୍ଷ ଅରୁଣ ପଟ୍ଟନାୟକ ଯୋଗଦେଇ ଅଭିଯୋଗ ଶୁଣାଣି ରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୮୯ ଗୋଟି ଅଭିଯୋଗ ଦରଖାସ୍ତ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ଅଭିଯୋଗ ବ୍ୟକ୍ତିଗତ ୧୬ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ସେହିପରି ୦୫ ଗୋଟି ଅଭିଯୋଗ ଦରଖାସ୍ତ ର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଅଭିଯୋଗ ସ୍ଥଳରେ ତତ୍କାଳ ସମାଧାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ବରିଷ୍ଠ ଅଧିକାରୀ ମାନେ ଜନଶୁଣାଣି ଶିବିରରେ ଯୋଗ ଦେଇଥିଲେ ।




## ୧୦ ମାସର ଶିଶୁ ପୁତ୍ର ମୃତ୍ୟୁ ଘଟଣାର ତଦନ୍ତ ଶିଥିଳ: ତଦନ୍ତ ଓ କ୍ଷତି ପୂରଣ ଦାବିରେ ଖବରଦାତା ସମ୍ମିଳନୀ

ବାଲିଆପାଳ , ୦୮/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୭ ତାରିଖରେ ଜଳେଶ୍ୱର ବ୍ଲକ ଝାଡପିମ୍ପଳ ପଞ୍ଚାୟତରର ଘଣ୍ଟିଆଡି ଗ୍ରାମର ରାମକୃଷ୍ଣ ନନ୍ଦିଙ୍କର ଏକ ମାତ୍ର ଶିଶୁ ପୁତ୍ର ଦେବାଶିଷ ନନ୍ଦି ୧୦ ମାସ ଙ୍କର ଅକାଳ ମୃତ୍ୟୁ ଘଟିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଘଟଣାରୁ ପ୍ରକାଶ ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଇକଡପାଳ ଗ୍ରାମରେ ଲକ୍ଷ୍ମୀପ୍ରିୟା ନନ୍ଦିଙ୍କ ବାପଘର ହୋଇଥିବା ବେଳେ ପୁଅକୁ ଥଣ୍ଡା ଏବଂ କଫ ଯୋଗୁଁ ଧଇଁସଇଁ ହେବା ଦେଖି ଦେବାଶିଷର ମାମୁଁ ଚିକିତ୍ସା ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ଆଣିଥିଲେ । ପ୍ରଥମେ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଶୁ ବିଭାଗର ଡ଼ାକ୍ତର ତଥା ଇନଚାର୍ଜ ପ୍ରୀତମ କୁମାର ସାହୁ ପିଲାକୁ ଦେଖିବା ପରେ ପିଲାର ସ୍ୱାସ୍ଥ୍ୟର ଉନ୍ନତି ନ ହେବାରୁ ଶେଷରେ ନଭେମ୍ବର ୧୭ ତାରିଖରେ ଶିଶୁ ବିଭାଗର ଡାକ୍ତର ସତ୍ୟରଞ୍ଜନ ପାଣିଗ୍ରାହୀଙ୍କୁ ଦେଖାଇଥିଲେ । ମାତ୍ର ସେହି ଦିନ ସନ୍ଧ୍ୟାରେ ପିଲାଟି ଅଧିକ ଗୁରୁତର ହେବା ପରେ ପୁଣି ପରିବାର ଲୋକେ ହସ୍ପିଟାଲକୁ ଆଣିଥିଲେ । ରାତିରେ ଏମର୍ଜେନିସିରେ ଥିବା ଡ଼ାକ୍ତର ପିଲାଟିକୁ ଇଞ୍ଜେକସନ ଓ ଅକ୍ସିଜେନ ଦେଇ ରେମୁଣା ସରକାରୀ ମେଡିକାଲକୁ ରେଫର କରିଥିଲେ । ମାତ୍ର ୧୦୮ ଗାଡିରେ ଫାର୍ମାସିଷ୍ଟ ନ ରହି ଓ ଅଧା ରାସ୍ତାରେ ଅକ୍ସିଜେନ ସରିଯିବା ଫଳରେ ପିଲାଟିର ମୃତ୍ୟୁ ଘଟିଥିଲା । ଘଟଣାର ୨/୩ ଦିନ ପରେ ସ୍ୱାସ୍ଥ୍ୟ କେନ୍ଦ୍ରର ଆରକେସ ବୈଠକକୁ ସିଡିଏମଓ ଆସିଥିଲେ । ସେଠାରେ ପରିବାର ଲୋକଙ୍କ ଠାରୁ ଏବିଷୟରେ ଅବଗତ ହେବା ପରେ ସାତ ଦିନ ମଧ୍ୟରେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲ । ମାତ୍ର ଘଟଣାକୁ ୨୨ ଦିନ ବିତିଯାଇଥିଲେ ମଧ ପୁଅକୁ ହରାଇ ଥିବା ମାଙ୍କ ପାଖରେ ପ୍ରଶାସନ ପହଞ୍ଚିପାରିଲା ନାହିଁ କି କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏନେଇ ସୋମବାର ପୂର୍ବାହ୍ନ ରେ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ଠାରେ ସୁଚନା ଅଧିକାର ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅତି ଦୁଃଖର କଥା ଯାହାକି ଗୋଟିଏ ଝିଅ ଏବଂ ଗୋଟିଏ ପୁଅ ପରେ ମା ଜଣକ ଫ୍ୟାମେଲିପ୍ଲାନଙ୍ଗ ଅପରେସନ ହୋଇସାରିଛନ୍ତି । ତେବେ ସେହି ମାଙ୍କର ଅପୁରଣୀୟ କ୍ଷତିକୁ ପୂରଣ କରିବ ସମ୍ଭବ ନୁହେଁ ମାତ୍ର ସରକାରଙ୍କ ତରଫରୁ ଏକକୋଟିର ଅନୁକମ୍ପା ରାଶି ଯୋଗାଇ ଦେବା ସହିତ ପିଲାଟିର ମୃତ୍ୟୁ ପଛରେ ଯେଉଁ ଅଧିକାରୀ ମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସଂଘର ସଭାପତି ଅନୁଜ କୁମାର ମହାପାତ୍ର । ଏହି ଖବରଦାତା ସମ୍ମିଳନୀରେ ସଂଘର ଉପଦେଷ୍ଟା କୁଶ ଧ୍ୱଜ ଜେନା, ସଦସ୍ୟ ଶରତ କୁମାର ପାତ୍ର, ଦେବେନ୍ଦ୍ର ଦାସ,ପିଲାର ଅଜା ରାଜେନ୍ଦ୍ର ପାତ୍ର, ମାମୁଁ ରଜନୀ କାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଗତ ୩୦ ତାରିଖରେ ପିଲାଟିର ମା ଲକ୍ଷ୍ମୀପ୍ରୀୟା ନନ୍ଦି ବାଲିଆପାଳ ଥାନାରେ ସ୍ୱାସ୍ଥ୍ୟବିଭାଗ ଉପରେ ଏକ ଏତାଲା ପରେ କେସ ନଂ ୩୫୭ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସ୍ୱାସ୍ଥ୍ୟ ବିଭାଗୀୟ ତରଫରୁ ସାତ ଦିନ ମଧ୍ୟରେ ପିଲାଟିର ମାଙ୍କୁ ଅନୁକମ୍ପା ରାଶି ଓ କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀ ଉପରେ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନର ଚେତାବନୀ ଦେଇଛି ସଂଘ ।

## ଆମ୍ବଗଡ଼ିଆ ବିକାଶ ପରିଷଦର ରକ୍ତଦାନ ଶିବିର



ବୈଶିଙ୍ଗା , ୦୮/୧୨ (ନି.ପ୍ର): ଭଗବାନପୁରସ୍ଥିତ ଆମ୍ବଗଡ଼ିଆ ବିକାଶ ପରିଷଦ ଆନୁକୁଲ୍ୟରେ ତଥା ଓଡ଼ିଶା ରକ୍ତଦାତା ସଙ୍ଗଠନ ଓ ବାଲେଶ୍ୱରସ୍ଥିତ ଏଚଡିଏଫସି ବ୍ୟାଙ୍କ୍ ଲିମିଟେଡର ମିଳିତ ସହଯୋଗରେ ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଆମ୍ବଗଡ଼ିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ରକ୍ତଦାତା ସଂଘର ରାଜ୍ୟ ସଂଯୋଜକ ସୁମନ୍ତ କୁମାର ଜେନା ମୁଖ୍ୟ ଅତିଥି , ମୁଖ୍ୟବକ୍ତା ଆଚାର୍ଯ୍ୟ ବିଜୟ ଜି , ସମ୍ମାନିତ ଅତିଥି ଭୀମ ଚରଣ ମାଝୀ, ଅକ୍ଷୟ ମିଶ୍ର, ରବୀନ୍ଦ୍ର ବେହେରା ବାଇନ, ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ ଭାବେ ଯୋଗଦେଇ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ତପସ୍ୱିନୀ ପତ୍ରୀ । ଏହି ଶିବିରରେ ଏଚଡିଏଫସି ବ୍ୟାଙ୍କର ମ୍ୟାନେଜର ସୁମିତ ମୁଖାର୍ଜୀ, ଅଧିକାରୀ କାଳୀ ଚରଣ ପରିଡ଼ା, ଭବାନୀଶଙ୍କର ଦାଶ ଓ ବାଲେଶ୍ୱର ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଏବଂ ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛା ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଓଡ଼ିଶା ରକ୍ତ ଭଣ୍ଡାରର ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ମୌମୀ ଚଙ୍ଗଦାର, ଲାବୋରେଟୋରୀ ଟେକନିସିଆନ ଦେବାଶିଷ ଦତ୍ତ, ଅଭିରାମ ପଣ୍ଡା, ଶୁଭ୍ରତା ପ୍ରଧାନ, ଅଜୟ ମହାପାତ୍ର ଓ ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିରରୁ ୨୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ ରକ୍ତଦାନ ସହ ବୃକ୍ଷ ରୋପଣ କରି ଶେଷରେ ଆମ୍ବଗଡ଼ିଆ ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

## ବିଏମସି, ବିଡିଏ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ସ୍ମାର୍ଟ ସିଟିର ମିଳିତ ଅଭିଯୋଗ ଶୁଣାଣି ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ମୁଖ୍ୟାଳୟସ୍ଥିତ ଏଲ୍.ଜି. ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଶତାଧିକ ଲୋକ ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ଆସିଥିଲେ । ବିଏମ୍ ସି କମିଶନର-ବିଡିଏ ଉପାଧ୍ୟକ୍ଷ ତଥା ସ୍ମାର୍ଟ ସିଟିର ପରିଚାଳନା ନିର୍ଦ୍ଦେଶକ ଚଂଚଳ ରାଣା ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଭିଯୋଗ ଶୁଣାଣି ଶିବିରରେ ବିଏମ୍ ସି, ବିଡିଏ, ସ୍ମାର୍ଟ ସିଟି ଓ ଲାଇନ ଡିପାର୍ଟମେଂଟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଭାତ ଓ ବିରଂଚି ପାଇବେ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର

କଟକ/ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଚଳିତ ବର୍ଷ ପାଇଁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର ଭୁବନେଶ୍ୱର ନିବାସୀ ପ୍ରଭାତ ରଞ୍ଜନ ବେହୁରା ଓ ରାଉରକେଲା ନିବାସୀ ବିରଂଚି ନାରାୟଣ ମିଶ୍ରଙ୍କୁ ମିଳିତ ଭାବେ ଦିଆଯିବ ବୋଲି ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଘୋଷଣା କରାଯାଇଛି । ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଆଜି ଏଠାରେ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଆସନ୍ତା ୧୪ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧି ଭବନଠାରେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ । ଏଥିରେ ଲାକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କମଳ ପ୍ରସାଦ ମହାନ୍ତି ମୁଖ ଅତିଥି ଓ ସ୍ୱନାମଧନ୍ୟ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେବେ ।

## ଶ୍ରଦ୍ଧାଞ୍ଜଳି ସଭାରୁ ଅୟମାରମ୍ଭ ହେଲା ଅଗ୍ନିଦହନ ସୁରକ୍ଷା ଅଭିଯାନ



ବାଲେଶ୍ୱର , ୦୮/୧୨ (ନି.ପ୍ର): ବାଲେଶ୍ୱରର ବିଶିଷ୍ଟ ସମାଜସେବୀ ବଣ ଧୂଳିର ଫୁଲର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ଅନେକ ସାମାଜିକ ସଂଗଠନର ସଦସ୍ୟ ବିଜୟ କୁମାର ଆଚାର୍ଯ୍ୟଙ୍କ ପତ୍ନୀ ବଣ ଧୂଳିର ଫୁଲର ଟ୍ରଷ୍ଟି କବିତା ଆଚାର୍ଯ୍ୟଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭାରୁ ଅୟମାରମ୍ଭ ହେଲା ଅଗ୍ନିଦହନରୁ ସୁରକ୍ଷା ନାମକ ଏକ ଅଭିନବ ଅଭିଯାନ । ବାଲେଶ୍ୱରର ବ୍ରିଟ କଲ୍ୟାଣ ମଣ୍ଡପରେ ଆୟୋଜିତ କବିତା ଆଚାର୍ଯ୍ୟଙ୍କ ଶ୍ରଦ୍ଧାଞ୍ଜଳି ଓ ଅଗ୍ନିଦହନ ସୁରକ୍ଷା ଅଭିଯାନର ଅୟମାରମ୍ଭକୁ ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା 'ବଣ ଧୂଳିର ଫୁଲ' ସାମାଜିକ ସଂଗଠନର ଅନ୍ୟତମ ଟ୍ରଷ୍ଟୀ ସ୍ୱର୍ଗତା କବିତା ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଡାଳିବା ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଅଗ୍ନିଦହନ ସୁରକ୍ଷା ଅଭିଯାନକୁ ଉଦଘାଟନ କରିଥିଲା ବେଳେ ଶିଳ୍ପୀ କେଶୁଦାସ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ସର୍ବ ପ୍ରଥମେ ବିଜୟ ଓ କବିତା ଆଚାର୍ଯ୍ୟଙ୍କ ଏକମାତ୍ର ସୁକନ୍ୟା ମାନସୀ ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱାଗତ କରି ସମସ୍ତଙ୍କର ସହଯୋଗ ଓ ଆଶିର୍ବାଦ କାମନା କରିଥିବା ବେଳେ ନାତୁଣୀ କୁନି ଓଡ଼ିଶୀ ନୃତ୍ୟ ଶିଳ୍ପୀ ସାଇ ଦେବାଂଶୀ ମହାପାତ୍ର ଗୀତାର କିଛି ଶ୍ଳୋକ ଆବୃତ୍ତି କରିଥିଲେ । ଏହି ସଭାରେ ମାସ୍ ସଂଗଠନର ମୁଖ୍ୟ କବି ଇଂ ଅଭୟ ଦାସ, ଆମ ଟିଭିର ନିର୍ଦ୍ଦେଶକ ତଥା ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ବିପ୍ଲବ କୁମାର ମହାନ୍ତି, କବି ଓ ସଂଗଠକ ଯଶୋଧାରା ଦାସ, ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟ, ବିଶିଷ୍ଟ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ଶିକ୍ଷାବିତ ଦିଲ୍ଲୀପ କୁମାର ମଙ୍ଗରାଜ, ରାଜେନ୍ଦ୍ର ରାଉତ, ରଣଜିତ ପୃଷ୍ଟି, ଗୋପବନ୍ଧୁ ଦାସ, ରୁରାଲ୍ ଡେଭଲପମେଣ୍ଟ ଫାଉଣ୍ଡେସନର ସମ୍ପାଦକ ହରିଷ୍ଚନ୍ଦ୍ର ରାଜ, ଅର୍ଚ୍ଚନା ନନ୍ଦୀ, ମୀନତି କର, ମୀନତି ସେଠୀ, ମନ୍ଟୁନ କଲଚ୍ୟୁରାଲ ଏକାଡେମି ର ମୁଖ୍ୟ ନରୋତ୍ତମ ଦାସ, ବ୍ୟମୋନାଥ ରଥ ପ୍ରମୁଖ ଯୋଗ ଦେଇ କବିତା ଆଚାର୍ଯ୍ୟଙ୍କ ଗୁଣଗାନ କରିବା ସହ ଅଗ୍ନି ଦହନର ସୁରକ୍ଷା ପାଇଁ ଆଗାମୀ ଦିନରେ ଅଭିଯାନକୁ ବଳିଷ୍ଠ କରି ସରକାରଙ୍କୁ ଦାବି ପତ୍ର ପ୍ରଦାନ କରାଯିବ । ଓଡ଼ିଶାରେ ଅଗ୍ନିଦହନ ଦୁର୍ଘଟଣା ଦିନକୁ ଦିନ ବଢୁଥିବା ମଧ୍ୟ ବାଲେଶ୍ୱରରେ ମେଡିକାଲ କଲେଜ ପରି ବଡ଼ ବଡ ସ୍ୱାସ୍ଥ୍ୟ ଚିକିତ୍ସାଳୟ ଥିଲେ ମଧ୍ୟ ଅଗ୍ନିଦହନର ସଫଳ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏପରିକି କଟକ ଏସିବି ଓ ଭୁବନେଶ୍ୱରର ଏମସ୍ ରେ ଅଗ୍ନି ଦହନ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟାପକ ବ୍ୟବସ୍ଥା ନାହିଁ । ଯେଉଁଥି ପାଇଁ ପ୍ରତି ବର୍ଷ ବହୁ ସଂଖ୍ୟାରେ ଅଗ୍ନି ଦହନ ଦୁର୍ଘଟଣାରେ ପିଡ଼ିତ ରୋଗୀର ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁ ବରଣ କରୁଛନ୍ତି । ପ୍ରକାଶ ଥାଉ କି ସ୍ୱରତା କବିତା ଆଚାର୍ଯ୍ୟ ଘରେ ଏକା ଥାଇ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରୁଥିବା ବେଳେ ଶାଢ଼ୀରେ ଅଗ୍ନି ଦହନର ଦୁର୍ଘଟଣା ଘଟିଥିଲା । ଅଗ୍ନି ପ୍ରପିଡିତାଙ୍କୁ ବାଲେଶ୍ୱର, କଟକ ଓ ପରେ ଭୁବନେଶ୍ୱର ଏମସ୍‌କୁ ନିଆଯାଇ ମଧ ତତକ୍ଷଣାତ୍ ଚିକିତ୍ସାର ଅଭାବରୁ ବହୁ କଷ୍ଟ ପାଇ ମୃତ୍ୟୁବରଣ କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ପୁରୀରୁ ବହୁ ଶୁଭେଚ୍ଛା ଶ୍ରଦ୍ଧାଞ୍ଜଳି ଡାଳିଥିବା ବେଳେ ସରୋ, ନୀଳଗିରି, ଜଳେଶ୍ୱରରୁ ପ୍ରିୟଜନ ଯୋଗଦେଇଥିଲେ । ଅସୀତ ଭଞ୍ଜ, ଗୟାଧର ଦାସ, ସତ୍ୟ ନାରାୟଣ ଦାଶ, କ୍ଷୀରୋଦ ପାଣି , ଡ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବଣ ଧୂଳିର ପ୍ରତିଷ୍ଠାତା ବାସନ୍ତୀ ମଣି ସିଂ, ଟ୍ରଷ୍ଟି ଟେଜରର୍ ପ୍ରଣବ ସିଂ, ସଂଯୋଜିକା କବିତା ସିଂ, ସୀତା ସିଂ, ହୃଷିକେଶ ଆଚାର୍ଯ୍ୟ, ହରି ନାରାୟଣ ଦାଶ, ବିଏସଏନଏଲର ଅଜିଏମ୍ ସତ୍ୟନାରାୟଣ ଦାଶ, ଅଂଶ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧ୍ୟକ୍ଷ ଇଂ ରାଧାରମଣ ଦଳାଇ, ରାଜେନ୍ଦ୍ର ଦାସ, କ୍ରିଷ୍ଣା ଏଡୁକେସନାଲ ଏଣ୍ଡ ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ଓ ସମ୍ପାଦକ ଇଶାନ ସାହୁ ଏବଂ ପରିବାର ପରିଜନ ସମେତ ଅନେକ ସାମାଜିକ କର୍ମୀ, କବି, ଲେଖକ, ଗଣମାଧ୍ୟମ ପ୍ରତିନିଧି ଓ ଓଡ଼ିଶାର ବିଭିନ୍ନ ପ୍ରନ୍ତରୁ ଅନେକ ବର୍ଗର ଲୋକମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ବେଳେ ଜ୍ୱାଇଁ ଅଜିତ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ଏ.ଆଇ କ୍ୟାମେରା ଲେନ୍ସରେ ଶିକାରୀ: କୁଲଡିହାରୁ ପୁଣି ଦୁଇ ଶିକାରୀ ଗିରଫ



ନୀଳଗିରି, ୦୮/୧୨ (ନି.ପ୍ର): ନୀଳଗିରି କୁଲଡିହା ଅଭୟାରଣ୍ୟରୁ ପୁଣି ଦୁଇଶିକାରୀଙ୍କୁ ଧରାଇଦେଲା ଏ.ଆଇ କ୍ୟାମେରା । କିଛିଦିନ ପୂର୍ବରୁ ଯୋଡ଼ାଚୁଆ ବିଟ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଏ.ଆଇ କ୍ୟାମେରାରେ କଏଦ ହୋଇଥିବା ଫଟୋ ଅନୁଯାୟୀ କେସିପୁର ପଞ୍ଚାୟତ ଟୁଲୁଙ୍କଡାବ ଅଞ୍ଚଳର ସୁକାନ୍ତ ଖଣ୍ଡେଇ ଓ ନିରଞ୍ଜନ ମଢେଇ ନାମକ ୨ଜଣ ଶିକାରୀ ଜଙ୍ଗଲକୁ ଅବାଧ ଶିକାର କରିବାପାଇଁ ପ୍ରବେଶ କରିଥିଲେ । ବନବିଭାଗ ଦ୍ୱାରା ଖଞ୍ଜାଯାଇଥିବା ଦୁଇଟି ଟ୍ରାପ କ୍ୟାମେରାରେ ଏମାନଙ୍କ ଫଟୋ ଉତ୍ତୋଳନ ହୋଇଥିଲା । ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡ଼ିବାପରେ ସେମାନଙ୍କ ସନ୍ଧାନରେ ଥିଲା । ରବିବାର ରାତିରେ କୁଲଡ଼ିହା ବନବିଭାଗ ଉଭୟ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଫାଶ, ଧନୁତୀର ଜବତ କରାଯାଇଛି । ଉଭୟଙ୍କୁ ଜେଲହାଜତକୁ ପଠାଇ ଦିଆଯାଇଥିବା ବେଳେ ଅଧିକ ତଦନ୍ତ ଚାଲିଥିବା ରେଞ୍ଜର ସୁବ୍ରତ ବେହେରା କହିଛନ୍ତି ।

## ଏଲମାଇଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଏରେଣ୍ଡେଇ ଚାମ୍ପିୟନ



ଖଇରା, ୦୮/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତାଳମହୁରୀ ଯଜ୍ଞ ପଡିଆରେ ଚାଲିଥିବା ଏଲମାଇଟି ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଓଏଭି, ଖଇରା, ଫତେପୁର, ବର୍ତ୍ତନା, କଲରାପାଳ, ଅଘିରାପଦା, ଏରେଣ୍ଡେଇ, ମିଟୁଆଣି ଅଂଶ ଗ୍ରହଣ କରିଥିବା ବେଳେ ମିଟୁଆଣି ଏକାଦଶ ଓ ଏରେଣ୍ଡେଇ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଏରେଣ୍ଡେଇ ୮ଓଭରରେ ୮୨ ରନ ସଂଗ୍ରହ କରିଥିଲା । ଜବାବରେ ମିଟୁଆଣି ଏକାଦଶ ସମସ୍ତ ଉଇକେଟ ହରାଇ ମାତ୍ର ୭୦ରନ କରି ପରାଜୟ ସ୍ୱିକାର କରିଥିଲା । ଆକାଶ ମହଲା,ଦିପୁ କୁଅଁର ମ୍ୟାଚ ପରିଚାଳନା କରିଥିଲେ । ପଳସା ସରପଞ୍ଚ ମନୋରଞ୍ଜନ ସାହୁ ଖେଳକୁ ଉଦ୍‌ଘାଟନ କରିଥିବା ବେଳେ ଏଲମାଇଟି ଶିକ୍ଷାକେନ୍ଦ୍ରର ସଂସ୍ଥାପକ ମାନସ ଶଙ୍ଖୁଆ ଚାମ୍ପିୟନକୁ ୫ହଜାର ଓ ରନର୍ସ ଅପ ଟିମକୁ ୩ହଜାର ଟଙ୍କା ପୁରସ୍କୃତ କରିଥିଲେ । ସେହିଭଳି ମିହିର ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ,ପ୍ରକାଶ ପଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଶୁଭମ ପୃଷ୍ଟିଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା ।

## ରାଇକମା ଆଶ୍ରମ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

ବୈଶିଙ୍ଗା , ୦୮/୧୨ (ନି.ପ୍ର): ଆଜି ସୋମବାର ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଶ୍ରୀ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ଖଡିକାପଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ମାନସ କୁମାର ପରିଡା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଅଁଳାର ସହକାରୀ ଶିକ୍ଷିକା ଶ୍ରୀମତୀ ଭାର୍ଗବୀ ମହାନ୍ତ ତଥା ଦିପାଞ୍ଜଳି ଦାସ ପ୍ରଶିକ୍ଷିକା ଭାବେ ଯୋଗଦାନ କରି ଉପସ୍ଥିତ ଛାତ୍ରୀମାନଙ୍କୁ ଆତ୍ମ ରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ଜଣାଇଥିଲେ । ମୁଖ୍ୟଅତିଥି ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଯୋଦ୍ଧା,ବୀରା ରମଣୀ ରାଣୀ ଲକ୍ଷ୍ମୀବାଈଙ୍କର ଅପୂର୍ବ ସାହସର ଗାଥା ଛାତ୍ରୀମାନଙ୍କୁ ଜଣାଇ ନିଜର ସୁରକ୍ଷା ନିମନ୍ତେ ସର୍ବୋତ୍ତମ ଉଦ୍ୟମ କରିବାକୁ ପ୍ରବର୍ତ୍ତାଇ ଥିଲେ । ଏହି କାର୍ଯ୍ୟକ୍ରମ ଡିସେମ୍ବର, ୨୫ଜାନୁଆରୀ ଓ ଫେବୃଆରୀ, ୨୬ ପର୍ଯ୍ୟନ୍ତ ୧୦ ଦିନଲେଖାଏଁ ତିରିଶି ଦିନ ଚାଲିବ ବୋଲି ପ୍ରଧାନଶିକ୍ଷକ ଅବଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସୁବାସିନୀ ପରିଡା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷି ଦାସ, ମଣ୍ଟୁ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପ୍ରତିମା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଉଁଶଗଡିଆରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ

ଖଇରା, ୦୮/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ଗ୍ରାମରେ କ୍ରିଏଟିଭ ଇଣ୍ଡିଆ ଏଜୁକେଶନାଲ ଏଣ୍ଡ ଚାରିଏଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ୬ଶହ ବୃଦ୍ଧା,ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ କମ୍ବଳ ବାଣ୍ଟି ମାନସିକ ପୁରଣ କରିଛନ୍ତି । ବାଉଁଶଗଡିଆ ପଞ୍ଚାୟତ ହନୁମାନ ମନ୍ଦିର ପଡିଆରେ ରବିବାର ଟ୍ରଷ୍ଟ ମୁଖ୍ୟ ଶିଶିର ଜେନାଙ୍କ ଦ୍ୱାରା ଅସହାୟ ମାନଙ୍କୁ ଏହି କମ୍ବଳ ବଣ୍ଟାଯାଇଥିଲା । ସମୀର ବଳବନ୍ତରାୟ, ଅନୁକମ୍ପା ବେହେରା, ତପନ ଦାସ, ରମେଶ ଜେନା, ଦୈତାରୀ ପଣ୍ଡା, ନକୁଳ ପାତ୍ର,ଲୋକନାଥ ସାମଲ, ଅଶେଷ ବେହେରା, ଉଷାରାଣି ମହାରଣା,ଭାରତୀ ନାୟକ, ଗୀତାଞ୍ଜଳୀ ନାୟକ, ଚଞ୍ଚଳା ବେହେରା, ପିତାମ୍ବର ସେଠୀ, ସୁଶାନ୍ତ ପାତ୍ର, ଉତ୍ତମ ପାତ୍ର ଓ ବୃନ୍ଦାବନ ଦେଉରୀ ପ୍ରମୁଖ କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ । ଏଠାରେ ପ୍ରକାଶ ଥାଉକି ନିଜ ପୁଅ ଆୟୁସ ୪ବର୍ଷ ଧରି ମୌନ ରହିବା ଏବଂ ଈଶ୍ୱରଙ୍କୁ ପ୍ରାର୍ଥନା ପରେ କଥା କହିବା ପରେ ମାନବ ସେବା ହିଁ ମାଧବ ସେବା ଲକ୍ଷରେ ସେ ୧୩ବର୍ଷ ହେଲା କମ୍ବଳ ବାଣ୍ଟି ଚାଲିଛନ୍ତି ।

**ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତାଥିବା ବ୍ୟକ୍ତି ଆବଶ୍ୟକ**

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ । ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ । ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ । ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida